୬ ▶ ଚତୁର୍ଥ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆର ଆଉଜଣେ ଷ୍ଟାର ବୋଲର ଆହତ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୭୩ ● ୨୧ ଜୁଲାଇ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-173 ● 21st July 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ବଳଙ୍ଗା ପୀଡିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ

## ସ୍ୱତନ୍ତ୍ର ଡାକ୍ତରୀ ଟିମ୍ କରୁଛନ୍ତି ଚିକିତ୍ସା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦ା୭**

**ନ୍ୟୁଜ୍ ବ୍ୟୁରୋ**



ପୁରୀ ଜିଲ୍ଲା ବଳଙ୍ଗା ପୀଡ଼ିତା ଏମ୍ସ ଦିଲ୍ଲୀରେ ଭର୍ତ୍ତି ହୋଇଛନ୍ତି। ପୀଡ଼ିତାଙ୍କୁ ରବିବାର ଏମ୍ସ ଭୁବନେଶ୍ୱରରୁ ଏୟାରଲିଫ୍ଟ କରାଯାଇଛି। ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିଆଯାଇଛି । ଦିଲ୍ଲୀ ଏମ୍ସରେ ପୀଡିତାଙ୍କର ଅଧିକ ଚିକିତ୍ସା କରାଯିବ । ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହିତ ପୀଡିତାଙ୍କ ପରିବାରର ୨ଜଣ ସଦସ୍ୟ ଦିଲ୍ଲୀ ଯାଇଛନ୍ତି।

ଏମ୍ସରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ପୀଡ଼ିତାଙ୍କୁ ଭୁବନେଶ୍ୱର ବିମାନବନ୍ଦର ନିଆଯାଇଥିଲା। ଏଥିଲାଗି ଗ୍ରୀନ୍ କରିଡର ବ୍ୟବସ୍ଥା କରାଯାଇଥିଲା।

ପୀଡିତାଙ୍କୁ ଅପରାହ୍ନ ୪ଟା ୨୦ରେ ଏମ୍ସ ଦିଲ୍ଲୀରେ ଭର୍ତ୍ତି କରାଯାଇଛି। ତାଙ୍କର ୭୫% ଶରୀର ପୋଡ଼ିଯାଇଥିବା ସୂଚନା ରହିଛି । ତେଣୁ ପୀଡ଼ିତାଙ୍କର ଅବସ୍ଥା ଗୁରୁତର ରହିଛି। ସେ ଏବେ ଅକ୍ସିଜେନ ସପୋର୍ଟରେ ରହିଛନ୍ତି। ଏମ୍ସ ଆଇସିୟୁ ବର୍ଣ୍ଣ ୟୁନିଟ ଓ ପ୍ଲାଷ୍ଟିକ ସର୍ଜରୀ ବ୍ଲକରେ ଚିକିତ୍ସା ଜାରି ରହିଛି । ଏକ ଡାକ୍ତରୀ ଟିମ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ତଦାରଖ କରୁଛନ୍ତି ।

ବଳଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହିତ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପୁରୀ ଜିଲ୍ଲାର ବଳଙ୍ଗା ଠାରେ ଘଟିଯାଇଥିବା ଅଘଟଣ ପାଇଁ ମୁଁ ଗଭୀର ଭାବେ ମର୍ମାହତ। ପୀଡିତାଙ୍କର ସର୍ବୋତ୍ତମ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବେ। ବ୍ୟକ୍ତିଗତ ଭାବେ ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଝିଅଟିର ତ୍ୱରିତ ଆରୋଗ୍ୟ କାମନା ନିମନ୍ତେ ପ୍ରାର୍ଥନା କରୁଛି ।

ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯିବା ପରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି, ସର୍ବୋତ୍ତମ ଚିକିତ୍ସା ପାଇଁ ରବିବାର ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଛି। ଏହି ଘଟଣାରେ ତ୍ୱରିତ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛି । ପୀଡ଼ିତା ଶୀଘ୍ର ସୁସ୍ଥ ହୋଇ ଫେରନ୍ତୁ ଏହା ହିଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି।

ସୂଚନାଯୋଗ୍ୟ, ପୁରୀଜିଲ୍ଲା ବଳଙ୍ଗା ଥାନା ବାଇଆବରର ନାବାଳିକା ଜଣକ ଶନିବାର ପୂର୍ବାହ୍ନରେ ନିଜ ସାଙ୍ଗ ଘରକୁ କୌଣସି କାମରେ ଯାଉଥିଲା । ଏହି ସମୟରେ ଦୁର୍ବୃତ୍ତମାନେ ନାବାଳିକାକୁ ଅନୁସରଣ କରିଥିଲେ ଏବଂ ଅପହରଣ କରି ଏକ ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ସେଠାରେ ନିଆଁ *(ପୃଷ୍ଠା ୭ରେ)*

# ଆଜିଠୁ ସଂସଦର ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ : ୨୦ା୭**



ସୋମବାରଠାରୁ ଆରମ୍ଭ ହେଉଛି ସଂସଦର ମୌସୁମୀ ଅଧିବେଶନ। ଏଥିପାଇଁ ରବିବାର କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡକାଇଥିଲେ । ଏହି ଅଧିବେଶନ ମଧ୍ୟ ବହୁତ ହଙ୍ଗାମାପୂର୍ଣ୍ଣ ହେବାକୁ ଯାଉଛି ଏବଂ ଏହାର ଏକ ଝଲକ ସର୍ବଦଳୀୟ ବୈଠକରେ ଦେଖିବାକୁ ମିଳିଥିଲା। ଏହି ବୈଠକରେ ବିରୋଧୀ ଦଳ ଅନେକ ପ୍ରସଙ୍ଗରେ ସରକାରଙ୍କୁ ଘେରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଗୃହରେ ବିବୃତ୍ତି ଦାବି କରିଥିଲେ।

ବୈଠକରେ ବିରୋଧୀ ଦଳଗୁଡ଼ିକ ପହଲଗାମରେ ଆତଙ୍କବାଦୀ ଆକ୍ରମଣ, ଅପରେସନ ସିନ୍ଦୂର ହଠାତ ବନ୍ଦ ହେବା ଏବଂ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଦିଆଯାଇଥିବା ବିବାଦୀୟ ବୟାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ପୁଣି ସଂସଦର ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରେ ଯାଉଥିବାରୁ କଂଗ୍ରେସ ସମାଲୋଚନା କରିଛି।

ରାଜ୍ୟସଭାରେ ଗୃହର ନେତା ଏବଂ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋଟ ୫୧ଟି ଦଳ ମଧ୍ୟରୁ ୪୦ ଜଣ *(ପୃଷ୍ଠା ୭ରେ)*

## ସରକାର ଅପରେସନ ସିନ୍ଦୂର ସହିତ ସମସ୍ତ ପ୍ରସଙ୍ଗରେ ଚର୍ଚ୍ଚା ପାଇଁ ପ୍ରସ୍ତୁତ : ରିଜିଜୁ

**ନୂଆଦିଲ୍ଲୀ : ୨୦ା୭**

କେନ୍ଦ୍ର ମନ୍ତ୍ରୀ ଏବଂ ରାଜ୍ୟସଭାରେ ଗୃହର ନେତା ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ରବିବାର ଦିନ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଅଂଶଗ୍ରହଣ କରିଥିଲେ। ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ, ସରକାର 'ଅପରେସନ୍ ସିନ୍ଦୂର' ସହିତ ସମସ୍ତ ପ୍ରସଙ୍ଗ ଉପରେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଆଲୋଚନା ପାଇଁ ପ୍ରସ୍ତୁତ। ୧୭ଟି ବିଧେୟକ ଉପରେ ଆଲୋଚନା ହେବ। ରାଜନୈତିକ ଦଳମାନଙ୍କର ମତାମତ ଭିନ୍ନ ହୋଇପାରେ, କିନ୍ତୁ ଗୃହ ଭଲ ଭାବରେ ଚାଲୁ, ଏହା ସରକାର ସହିତ ବିରୋଧୀ ଦଳମାନଙ୍କର ମଧ୍ୟ ଦାୟିତ୍ୱ ଅଟେ।

ସର୍ବଦଳୀୟ ବୈଠକ ପରେ ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରଣ ରିଜିଜୁ ସାମ୍ବାଦିକଙ୍କ ସହିତ ଆଲୋଚନା ବେଳେ କହିଛନ୍ତି ଯେ, ସଂସଦ ଅଧିବେଶନ ଆରମ୍ଭ *(ପୃଷ୍ଠା ୭ରେ)*

## ଅରୁଣାଚଳରେ ଭୂସ୍ଖଳନ ଓ ବନ୍ୟା : ୧୫ ମୃତ



**ଇଟାନଗର, ୨୦ା୭**

ଅରୁଣାଚଳ ପ୍ରଦେଶରେ ପ୍ରବଳ ବର୍ଷା ଜୀବନଯାତ୍ରାକୁ ବାଧାପ୍ରାପ୍ତ କରିଛି। ରାଜ୍ୟର ଅନେକ ସ୍ଥାନରେ ଭୂସ୍ଖଳନ ଏବଂ ଆକସ୍ମିକ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏପର୍ଯ୍ୟନ୍ତ ଅତି କମରେ ୧୫ ଜଣଙ୍କର ଜୀବନ ଯାଇଛି। ନିମ୍ନ ସିୟାଙ୍ଗ ଜିଲ୍ଲାରେ ରାସ୍ତା ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ସିଜି, ୟାତେ ଏବଂ ଗରୁଗ୍ରାମ ନିକଟରେ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବା ରିପୋର୍ଟ କରାଯାଇଛି। ପଶ୍ଚିମ ସିୟାଙ୍ଗ, ଲେପରାଡା, ଶି-ୟୋମି ଏବଂ ଉପର ସୁବନସିରି ଭଳି ଜିଲ୍ଲାର ଜୀବନରେଖା କୁହାଯାଉଥିବା ଆଲୋ-ଲିକାବାଲି ରାସ୍ତା ଏବେ ବି ଅବରୋଧିତ । ଚୀନ ସୀମାନ୍ତବର୍ତ୍ତୀ ଅଞ୍ଜାଓ ଜିଲ୍ଲାର ରାସ୍ତା ସଂଯୋଗ ପ୍ରାୟ ୨୦ ଦିନ ପାଇଁ ସମ୍ପୂର୍ଣ୍ଣ ଅବରୋଧିତ ହୋଇଥିଲା, ଯାହାକୁ ସମ୍ପ୍ରତି ପ୍ରଶାସନ ଦ୍ୱାରା ପୁନଃସ୍ଥାପିତ କରାଯାଇଥିଲା। କିଇ ପନ୍ୟୋର ଜିଲ୍ଲାରେ ପ୍ରବଳ ପଥର ଖସିବା ଯୋଗୁଁ ଗୋଟିଏ ଦିନ ପାଇଁ ରାଜପଥରେ ଯାତାୟାତ ବନ୍ଦ ରହିଥିଲା। ନିମ୍ନ ସୁବନସିରି ଜିଲ୍ଲା ମୁଖ୍ୟାଳୟ ଶୂନ୍ୟ ପାଣିରେ ବୁଡ଼ି ଯାଇଥିଲା, ଯାହା ଫଳରେ ଧାନ ଚାଷ ଏବଂ ସମ୍ପତ୍ତିର କ୍ଷତି ହୋଇଥିଲା।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିବ : କ୍ରାଇମବ୍ରାଞ୍ଚ ଡିଜି

**ବାଲେଶ୍ୱର, ୨୦ା୭**

**ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାରେ ରବିବାର ବାଲେଶ୍ୱରରେ ପହଞ୍ଚି ଘଟଣାସ୍ଥଳ ବୁଲି ଦେଖିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। ଏଥିସହ ଗଣମାଧ୍ୟମ ସମ୍ମୁଖରେ ତଦନ୍ତର ଅଗ୍ରଗତି ନେଇ ସୂଚନା ଦେଇଛନ୍ତି ଡିଜି। ସେ କହିଛନ୍ତି ପୀଡ଼ିତାଙ୍କୁ ନ୍ୟାୟ ମିଳିବା ଦିଗରେ ତଦନ୍ତ ଚାଲିଛି । ତଦନ୍ତ ସମୟରେ ଅନେକ ସାମଗ୍ରୀ ମିଳିଛି । ସେସବୁକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର (ଏସଏଫଏସଏଲ) କୁ ପଠାଯାଇଛି

ସେ ଆହୁରି କହିଛନ୍ତି, ଏହି ଘଟଣାକୁ ନେଇ ଲୋକେ ପୁଲିସ *(ପୃଷ୍ଠା ୭ରେ)*




# ଦୁଇଟି କାର୍ ମୁହାଁମୁହିଁ ଧକ୍କା : ୪ ମୃତ

**କୋରାପୁଟ, ୨୦ା୭**

**ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସୁନାବେଡ଼ା ଟ୍ରାଫିକ ଛକର ଟିଟିଏସ ନିକଟରେ ଦୁଇଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ ଜଣ ପ୍ରାଣ ହରାଇଛନ୍ତି । ଗୋଟିଏ କାରରେ ଥିବା ତିନି ସାଙ୍ଗ ଆଶୁତୋଷ ରଣା, ଦିବ୍ୟ ରଞ୍ଜନ ପାତ୍ର ଓ ବିକାଶ ପାତ୍ରଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ଘର ସୁନାବେଡ଼ା ଡିପି କ୍ୟାମ୍ପରେ। ଅନ୍ୟ କାରର ଡ୍ରାଇଭର ପ୍ରମୋଦ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ସାଙ୍ଗଙ୍କ ସହିତ ଥିବା କୈଳାସ ଆହତ ହୋଇଛନ୍ତି।

## ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୨୦ା୭ : ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସୁନାବେଡ଼ାଠାରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ଦୁର୍ଘଟଣାରେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



# ଭାରତୀୟ ସେନାକୁ ମିଳିବ ୩ ଆପାଚେ ହେଲିକପ୍ଟର

**ନୂଆଦିଲ୍ଲୀ, ୨୦ା୭**

ଭାରତୀୟ ସେନା ପାଇଁ ତିନିଟି ଅପାଚେ ଏଏଚ-୬୪ଇ ଯୁଦ୍ଧ ହେଲିକପ୍ଟରର ପ୍ରଥମ ବ୍ୟାଚ୍ ୨୨ ଜୁଲାଇରେ ଭାରତରେ ପହଞ୍ଚିବ। ବାକି ତିନିଟି ହେଲିକପ୍ଟରର ଯୋଗାଣ ବର୍ଷ ଶେଷ ସୁଦ୍ଧା ହେବାର ଆଶା ରହିଛି। ସେନା ପାଇଁ ଛଅଟି ଅପାଚେ ହେଲିକପ୍ଟର ପ୍ରାୟ ୮୦୦ ମିଲିଅନ୍ ଡଲାରରେ କ୍ରୟ ହୋଇଥିଲା। ଏହି ହେଲିକପ୍ଟରଗୁଡ଼ିକ ଉନ୍ନତ ବୈଶିଷ୍ଟ୍ୟ ରହିଛି, ଏଥିରେ ସୁଦୀର୍ଘ ରାଡାର, ହେଲଫାୟର ମିସାଇଲ, ଆକାଶରୁ ଭୂମିକୁ ଘାତ କରିପାରୁଥିବା ରକେଟ୍ ଏବଂ ଅନ୍ୟାନ୍ୟ ଘାତକ ପ୍ରଣାଳୀ ଅନ୍ତର୍ଭୁକ୍ତ ଅଛି। ଅପାଚେ ହେଲିକପ୍ଟରଗୁଡ଼ିକ ଉତ୍ତର ଓ ପଶ୍ଚିମ ସୀମା ସହିତ ପାହାଡ଼ ଅଞ୍ଚଳରେ ବିଶେଷ ବିପଦର ସାମ୍ନା କରିବାରେ ପ୍ରଭାବଶାଳୀ ହେବେ।



ଗତ ବର୍ଷ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଯାତ୍ରା ସମୟରେ ସେନା ପାଇଁ ଅପାଚେ ହେଲିକପ୍ଟର *(ପୃଷ୍ଠା ୭ରେ)*

# ପ୍ରାକୃତିକ ବିପର୍ଯ୍ୟୟ ପାଇଁ ହିମାଚଳରେ କେନ୍ଦ୍ରୀୟ ଦଳ ଗଠନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୦ା୭**

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ହିମାଚଳ ପ୍ରଦେଶରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଏହାର ତୀବ୍ରତାକୁ ଦୃଷ୍ଟିରେ ରଖି ଏକ ବହୁ-କ୍ଷେତ୍ରୀୟ କେନ୍ଦ୍ରୀୟ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଏହା ଦେଖିବାକୁ ମିଳିଥିଲା ଯେ ରାଜ୍ୟରେ ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା, ଭୂସ୍ଖଳନ ଏବଂ ବାରମ୍ବାର ପ୍ରବଳ ବର୍ଷାର ତୀବ୍ରତା ବୃଦ୍ଧି ପାଇଛି, ଯାହା ବ୍ୟାପକ ଜୀବନହାନି, ଭିତ୍ତିଭୂମି, ଜୀବିକା ଏବଂ ପରିବେଶ ଅବକ୍ଷୟର କ୍ଷତି ଘଟାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତୁରନ୍ତ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ), ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ସିବିଆରଆଇ) ରୁର୍କି, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜି (ଆଇଆଇଟିଏମ) ପୁଣେ, ଜିଓଲୋଜିଷ୍ଟ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଇନ୍ଦୋରର ବିଶେଷଜ୍ଞଙ୍କୁ ନେଇ ଏକ ବହୁ-କ୍ଷେତ୍ରୀୟ କେନ୍ଦ୍ରୀୟ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଆହୁରି ମଧ୍ୟ ହିମାଚଳ ପ୍ରଦେଶର ବିଭିନ୍ନ ଭାଗରେ ୨୦୨୫ ମସିହାର ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁରେ ବନ୍ୟା, ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନ କାରଣରୁ କେନ୍ଦ୍ର ସରକାର ସେମାନଙ୍କ ସ୍ମାରକପତ୍ରର ଅପେକ୍ଷା ନକରି ଏକ ଆନ୍ତଃମନ୍ତ୍ରୀସ୍ତରୀୟ କେନ୍ଦ୍ରୀୟ ଦଳ (ଆଇଏମସିଟି)ଙ୍କୁ ଆଗୁଆ ନିୟୋଜିତ କରିସାରିଛନ୍ତି, ଯେଉଁମାନେ କ୍ଷୟକ୍ଷତିର ସଠିକ୍ ଆକଳନ କରିପାରିବେ। ଆଇଏମସିଟି ୨୦୨୫ ଜୁଲାଇ ୧୮ରୁ ୨୫ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର *(ପୃଷ୍ଠା ୭ରେ)*

## ଏମ୍ସ ଭୁବନେଶ୍ୱରରେ ଲାଗିଲା ବିଏନଏସ ଧାରା ୧୬୩

**ଭୁବନେଶ୍ୱର, ୨୦ା୭**

**ନ୍ୟୁଜ୍ ବ୍ୟୁରୋ**

ଏମ୍ସ ପରିସରରେ ଆନ୍ଦୋଳନ କରିପାରିବେ ନାହିଁ ଆନ୍ଦୋଳନକାରୀ । ଏମ୍ସରେ ଜାରି ହୋଇଛି ବିଏନଏସ ଧାରା ୧୬୩ । ଏମ୍ସ ପରିସରରେ ହୋଇପାରିବନି କୌଣସି ଆନ୍ଦୋଳନ କିମ୍ବା ପ୍ରତିବାଦ । ପରବର୍ତ୍ତୀ ନିର୍ଦ୍ଦେଶନାମା ନଆସିବ ଯାଏ ନିଷିଦ୍ଧାଞ୍ଚଳ ବଳବତ୍ତର ରହିବ । ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ ।

ଆନ୍ଦୋଳନ ହେତୁ ଦିନସାରା ରୋଗୀ ସେବା ବ୍ୟାହତ ହୋଇଥିଲା । ଏମ୍ସ କର୍ତ୍ତୃପକ୍ଷ ପ୍ରଥମେ ନୋଟିସ ଜାରି କରିଥିଲେ । ପରେ ଆମେ ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କଲୁ ବୋଲି ଭୁବନେଶ୍ୱର ଡିସିପି କହିଛନ୍ତି ।

## ଏକାଳ ପଖାଳ



ଆରେ ବନ୍ଧୁ ମାୟାରେ ପଡୁଛ<br>
ଜାଣ...କେତେ ଜମି ଲୋଡା ?<br>
ତିନିହାତ ଆଉ ଚାଖଣ୍ଡେ ଦର୍କାର<br>
ମାଟିରେ ମଣିଷ ଗଢା<br>
ବାବୁଙ୍କ ଜମି ନିଶା ଗାଡା<br>
ଦୁର୍ନୀତିରେ ବୁଡି ସବୁ ଅରଜିଲେ<br>
ଏବେ ହେଲେ ଧର୍ମ ଛଡା ।

# ୟୁପିଆଇ ଯୋଗେ ଭାରତରେ ୮୫% ଓ ବିଦେଶରେ ପ୍ରାୟ ୫୦% କାରବାର




**ନୂଆଦିଲ୍ଲୀ, ୨୦ା୭**

ଦ୍ରୁତ ଅର୍ଥ ପଇଠ କ୍ଷେତ୍ରରେ ଭାରତ ବୈଶ୍ୱିକ ନେତୃତ୍ୱ ନେଉଛି । ନିକଟରେ ଏକଥା କହିଛି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇ ଏମ ଏଫ) । ଏପ୍ରକାର ଦ୍ରୁତ ଅର୍ଥ ପଇଠ କ୍ଷେତ୍ରରେ ୟୁପିଆଇ ଏକ ବଳିଷ୍ଠ ମାଧ୍ୟମ ସାଜିଛି । ୨୦୧୬ରେ ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ ବା ୟୁପିଆଇକୁ ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ ଆରମ୍ଭ କରିଥିଲା । ଲୋକମାନଙ୍କ ଟଙ୍କା ଦେଣ ନେଣ କ୍ଷେତ୍ରରେ ୟୁପିଆଇ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛି ।

ଗୋଟିଏ ମୋବାଇଲ ଆପ ଅଧୀନରେ ଖାଉଟିର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ରହିଥାଏ। ଜଣେ ଏହା ମାଧ୍ୟମରେ ହଠାତ ଟଙ୍କା ପଠାଇପାରିବ । ବ୍ୟବସାୟୀଙ୍କୁ ଟଙ୍କା ଶୀଘ୍ର ଦେଇପାରିବ । ବନ୍ଧୁମାନଙ୍କ ପାଖକୁ ଅର୍ଥ ପଠାଇପାରିବ । ସହଜ ଉପାୟରେ ଦ୍ରୁତ ଅର୍ଥ ପଇଠ କ୍ଷେତ୍ରରେ ୟୁପିଆଇ ଲୋକଙ୍କୁ ସୁବିଧା ଯୋଗାଉଛି । ଭାରତରେ ଆଜିକାଲି ପ୍ରତି ମାସରେ ୟୁପିଆଇ ମାଧ୍ୟମରେ ୧୮ ବିଲିୟନ କାରବାର ହେଉଥିବା ସୂଚିତ ହୋଇଛି ।

କ୍ୟାସ ଓ କାର୍ଡ ଯୋଗେ ଅର୍ଥ ଦେଣ ନେଣ ପ୍ରକ୍ରିୟାରେ ଏହି ୟୁପିଆଇ ପରିବର୍ତ୍ତନ ଆଣିପାରିଛି । ଏହା ଏବେ ଡିଜିଟାଲ ଫାଷ୍ଟ ଇକୋନୋମି ଆଡକୁ ଆମକୁ ଅଗ୍ରସର କରାଇଛି । କୋଟି କୋଟି *(ପୃଷ୍ଠା ୭ରେ)*

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ

**ଭୁବନେଶ୍ୱର, ୨୦ା୭**


**ନ୍ୟୁଜ୍ ବ୍ୟୁରୋ**

ରବିବାର ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ପେପର-୧ ଓ ପେପର-୨ର ପରୀକ୍ଷା ସ୍ଥଗିତ ରଖାଯାଇଛି। ଫଳରେ ୭୫ ହଜାର ଶିକ୍ଷକ ନିରାଶ ହୋଇଛନ୍ତି।

ତେବେ ସ୍ୱତନ୍ତ୍ର ଓଟିଇଟିର ପେପର-୧ ଓ ପେପର-୨ର ପରୀକ୍ଷା କାହିଁକି ସ୍ଥଗିତ ରଖାଯାଇଛି, ସେନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ । ଏହି ଦୁଇଟି ପେପରର ହାତଲେଖା ପ୍ରଶ୍ନ ଓ ତାହାର ଉତ୍ତର ସୋସିଆଲ ମିଡିଆରେ ଘୁରି ବୁଲିଥିବା ଅଭିଯୋଗ ହୋଇଛି । ଏହା ପରେ ବୋର୍ଡ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଥିବା କଥା କୁହାଯାଉଛି । ଶନିବାର ରାତିରେ ସୋସିଆଲ ମିଡିଆରେ ହାତଲେଖା ପ୍ରଶ୍ନପତ୍ର ଓ ଉତ୍ତର ଘୁରି ବୁଲିଥିଲା। ଏହା ସେହି ପ୍ରଶ୍ନପତ୍ର ଓ ଉତ୍ତର କି ନୁହେଁ ତାହା ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇନଥିବା ବେଳେ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଜୁଲାଇ ୨୦୨୫ ସୋମବାର





# ନ୍ୟାୟ ଅପେକ୍ଷାରେ ୧୪ ନିର୍ଯାତିତ ଛାତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯ୍ୟାତନା ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ପୀଡ଼ିତା ଛାତ୍ରୀ ଜୀବନ ସହ ସଂଗ୍ରାମ କରୁଥିବାବେଳେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହୁ ଅଧ୍ୟାପକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନାର ଅଭିଯୋଗ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଗତ କେଇ ମାସ ମଧ୍ୟରେ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରୁ ପ୍ରାୟ ୧୪ଟି ନିର୍ଯ୍ୟାତନା ଅଭିଯୋଗ ଆସିଥିଲେ ମଧ୍ୟ ସବୁ ଅଭିଯୋଗକୁ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଛି। କାର୍ଯ୍ୟାନୁଷ୍ଠାନ ତ ଦୂର କଥା, ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇ ନାହିଁ।

୨୦୨୪ ମସିହା ଡିସେମ୍ବରରେ ଖୋଦ୍ ରାଜଧାନୀରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ତତ୍କାଳୀନ କମ୍ପ୍ୟୁଟର ବିଭାଗ ମୁଖ୍ୟ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଭିଡିଓ ଆଧାରରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ବଦଳି କରି ପୁରସ୍କୃତ କରାଗଲା। ମାତ୍ର ଏଯାଏ ତଦନ୍ତ ସରୁନାହିଁ କି ଚୂଡ଼ାନ୍ତ ରିପୋର୍ଟ ଆସିନାହିଁ। ସେହିପରି ବିଜେବି କଲେଜର ଓଡ଼ିଆ ବିଭାଗ ମୁଖ୍ୟଙ୍କ ବିରୋଧରେ ମଧ୍ୟ ନିର୍ଯ୍ୟାତନା ଅଭିଯୋଗ ଥିଲେ ମଧ୍ୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇନି। ରାଜଧାନୀର ଅନ୍ୟଏକ ଏକ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ରାଜଧାନୀ ମହାବିଦ୍ୟାଳୟର ଇଂରାଜୀ ଏବଂ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ମାଡ଼ି ବସିଛି। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସର୍ବାଧିକ ୪ଜଣ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଛି। ପଦାର୍ଥ ବିଜ୍ଞାନ ବିଭାଗର ୩ଜଣ ଅଧ୍ୟାପକ ଓ ରସାୟନ ବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ନିର୍ଯ୍ୟାତନା ଅଭିଯୋଗ ସମ୍ପର୍କରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପୂର୍ବରୁ ଅନଗୁଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟ ଅର୍ଥନୀତି ଅଧ୍ୟାପକ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ଓ ଇଂରାଜୀ ଅଧ୍ୟାପକ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ହିନ୍ଦୀ, ଭୌତିକ ବିଜ୍ଞାନ ଓ ଜୀବବିଜ୍ଞାନ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଉଚ୍ଚଶିକ୍ଷା ବିଭାଗ ନିକଟରେ ପହଞ୍ଚିଛି। ମାତ୍ର କୌଣସି ଘଟଣାରେ କିଛି ବି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତେଣୁ ଏଫ୍ଏମ୍ କଲେଜ୍ ପରି ସମସ୍ତ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପରେ ଯାଇ ସରକାର କାର୍ଯ୍ୟାନୁଷ୍ଠାନ ନେବେ କି ବୋଲି ପ୍ରଶ୍ନ ଉଠିଛି।

# ଓଡ଼ିଶାରେ ୩୦୦୦ ବଙ୍ଗଳାଭାଷୀ ଅଟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆରମ୍ଭ ହୋଇଛି ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା। ବେଆଇନ ଅନୁପ୍ରବେଶ ଅଭିଯୋଗରେ ଏଯାଏ ୩୦୦୦ ଲୋକଙ୍କୁ ଅଟକ ରଖାଯାଇଛି। ସେମାନେ ଭାରତର ନାଗରିକ କି ନୁହନ୍ତି, ତାହାର କଡ଼ାକଡ଼ି ଯାଞ୍ଚ କରାଯାଉଛି। ତେବେ ଅଧିକାଂଶ ବଙ୍ଗଳା ଭାଷୀଙ୍କ ନିକଟରେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର. ରାସନକାର୍ଡ ରହିଥିବାରୁ ସେମାନଙ୍କୁ ଚିହ୍ନଟରେ ସରକାର ଅକଳରେ ପଡ଼ିଛନ୍ତି। ସେମାନେ ଭାରତୀୟ ବୋଲି ପ୍ରମାଣିତ କରିବା ନିମନ୍ତେ ଅଧିକ ପ୍ରମାଣ ଲୋଡ଼ିଛି ପୁଲିସ।



ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଯେଉଁ ୩ ହଜାର ବଙ୍ଗଳା ଭାଷୀଙ୍କୁ ସନ୍ଦେହରେ ଅଟକାଯାଇଛି, ସେମାନଙ୍କ ମଧ୍ୟରେ କେବଳ ଝାରସୁଗୁଡ଼ାରେ ୪୪୪ ଜଣ ରହିଛନ୍ତି। ଏମାନେ ପଶ୍ଚିମବଙ୍ଗ ବାସିନ୍ଦା ଓ ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ପଶ୍ଚିମବଙ୍ଗର ସାଂସଦ ଓ ବିଧାୟକ ଦାବି କରିଛନ୍ତି। କଲିକତା ହାଇକୋର୍ଟ ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରି ସରକାରଙ୍କ ଠାରୁ ଜବାବ ତଲବ କରିଛନ୍ତି। ବଙ୍ଗଳା ଭାଷୀ ଏହି ଶ୍ରମିକମାନଙ୍କୁ କାହିଁକି ଓ କେଉଁ ଆଧାରରେ ଅଟକ ରଖାଯାଇଛି, ସେସଂପର୍କରେ ସୋମବାର ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଏହି ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ଓଡ଼ିଶା ସରକାର ସହିତ ପଶ୍ଚିମବଙ୍ଗ ସରକାର କଥାବାର୍ତ୍ତା କରନ୍ତୁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷରେ ଚିହ୍ନଟ ପ୍ରକ୍ରିୟାକୁ ନେଇ ପୁଲିସ ମଧ୍ୟ ଅଡୁଆରେ ପଡ଼ିଛି। ପୁଲିସ ଉଠାଇ ନେଇଥିବା ଅଧିକାଂଶ ଲୋକଙ୍କ ପାଖରେ ଆଧାରକାର୍ଡ ଓ ଭୋଟରକାର୍ଡ ରହିଛି। ତେଣୁ ସେମାନେ ବାଂଲାଦେଶୀ ବୋଲି ପ୍ରମାଣ କରିବା ପୁଲିସ ପାଇଁ କଷ୍ଟସାଧ ହେଉଛି। ଯେଉଁମାନଙ୍କ ପାଖରେ ଭାରତର କୌଣସି ପରିଚୟପତ୍ର ନାହିଁ ସେମାନେ ବାଂଲାଦେଶୀ ବୋଲି ଚିହ୍ନଟ କରିପାରୁଛି। ମାତ୍ର ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦୀର୍ଘଦିନ ହେଲା ରହି ଆଧାରକାର୍ଡ ଓ ଭୋଟରକାର୍ଡ ହାତେଇଥିବା ଲୋକଙ୍କୁ କିପରି ବାଂଲାଦେଶୀ ପ୍ରମାଣିତ କରିବ ତାହା ସମସ୍ୟା ପାଲଟିଛି। ପୁଲିସ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବଙ୍ଗଳା ଭାଷା କହୁଥିବା ଲୋକଙ୍କୁ ଉଠାଇ ନେଇ ପଚରାଉଚରା କରାଯାଉଛି। ସେମାନଙ୍କର ଆଧାରକାର୍ଡ ଏବଂ ଭୋଟରକାର୍ଡ ଅସଲି କି ନକଲି ତାହାର ଯାଞ୍ଚ କରାଯାଉଛି। ଯାଞ୍ଚ କରାଯିବା ପରେ ଅସଲ ହୋଇଥିବା ସ୍ପଷ୍ଟ ହେବା ପରେ ଜନ୍ମ ସାର୍ଟିଫିକେଟ ଏବଂ ଜମି ପଟ୍ଟା ମଗାଯାଉଛି। ବିଶେଷ କରି ଅଟକ ଥିବା ଅଧିକାଂଶ ଲୋକଙ୍କ ଘର ପଶ୍ଚିମବଙ୍ଗ ହୋଇଥିବା କହୁଛନ୍ତି। ତେଣୁ ତାଙ୍କ ଠାରୁ ଘରର ଠିକଣା ବୁଝାଯିବା ପରେ ପଶ୍ଚିମବଙ୍ଗର ପୁଲିସ ସହ ଯୋଗାଯୋଗ କରାଯାଉଛି। ଉକ୍ତ ବ୍ୟକ୍ତିଙ୍କ ଘର ପଶ୍ଚିମବଙ୍ଗ ନା ବାଂଲାଦେଶ, ତାହାର ଯାଞ୍ଚ କରାଯାଉଛି। ଏହାପରେ ଆଇନ୍ ଅନୁସାରେ ପଦେକ୍ଷପ ଗ୍ରହଣ କରାଯାଉଛି।

ସୂଚନାଯୋଗ୍ୟ ଯେ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଏହି ୬ ଜିଲ୍ଲାରେ ଅଧିକାଂଶ ବାଂଲାଦେଶୀ ରହିଥିବା ମନେକରି ପୁଲିସ ଏହି ଜିଲ୍ଲାଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟା ଜୋରଦାର କରିଛି। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ବିଧାନସଭାରେ ରଖିଥିବା ତଥ୍ୟ ଅନୁସାରେ ୧ଲକ୍ଷ ୫୭ ହଜାର ୪୩୨ଜଣ ବଂଲାଦେଶୀ ଶରଣାର୍ଥୀ ଓଡ଼ିଶାରେ ରହିଛନ୍ତି। ମାଲକାନଗିରିରେ ସର୍ବାଧିକ ୧ଲକ୍ଷ ୪ହଜାର ୨୩୩ ଜଣ, ନବରଙ୍ଗପୁରରେ ୪୬ ହଜାର, କେନ୍ଦ୍ରାପଡ଼ାରେ ୪୪୧, ଖୋର୍ଦ୍ଧାରେ ୪୬୫୩, ଯାଜପୁରରେ ୩୭୯, କଳାହାଣ୍ଡିରେ ୯୦, ବାଲେଶ୍ୱରରେ ୭୫, ଅନୁଗୁଳରେ ୧୫, କୋରାପୁଟରେ ୧୯୪, ରାୟଗଡ଼ାରେ ୩୦୪ଜଣ ଅଛନ୍ତି। ଏହାବ୍ୟତୀତ ୩୭୪୦ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ଆସିଛନ୍ତି। କେନ୍ଦ୍ରପଡ଼ାରେ ସର୍ବାଧିକ ୧୬୪୯ ଜଣ ଓ ଜଗତସିଂହପୁରରେ ୧୧୧୨ଜଣ ରହିଛନ୍ତି। ନବରଙ୍ଗପୁରରେ ୧୦୬, ମାଲକାନଗିରିରେ ୬୫୫, ଖୋର୍ଦ୍ଧାରେ ୧୭, ଭଦ୍ରକରେ ୧୯୯, ବରଗଡ଼ରେ ୨ଜଣ ଅନୁପ୍ରବେଶକାରୀ ଅଛନ୍ତି।

## କୋଚି ବିମାନବନ୍ଦରରେ ଡ୍ରଗ୍ସ ଜବତ

# କୋକେନ କ୍ୟାପସୁଲ ଗିଳି ଚୋରା ଚାଲାଣ କରୁଥିବା ବେଳେ ଧରା ପଡିଲେ ବ୍ରାଜିଲୀୟ ଦମ୍ପତି

**କୋଚି:**

ନେଡୁମ୍ବାସେରୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବଡ଼ ଧରଣର ଡ୍ରଗ୍ସ ଚୋରା ଚାଲାଣ ଘଟଣାରେ ଜଣେ ବ୍ରାଜିଲୀୟ ଦମ୍ପତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦମ୍ପତି କୋକେନ ଭର୍ତ୍ତି ୫୦ଟି କ୍ୟାପସୁଲ ଗିଳି ଭାରତକୁ ଚୋରା ଚାଲାଣ କରିବାକୁ ଚେଷ୍ଟା କରୁଥିବା ବେଳେ କଷ୍ଟମ ବିଭାଗ ସେମାନଙ୍କୁ ଗିରଫ କରିଥିବା ଜଣାପଡିଛି। କଷ୍ଟମ ଅଧିକାରୀମାନେ ସନ୍ଦେହ ଆଧାରରେ ଦମ୍ପତିଙ୍କୁ ଅଟକ ରଖି ସ୍କାନିଂ କରିବା ବେଳେ ଏହି ଘଟଣା ସାମ୍ନାକୁ ଆସିଛି। ସୂଚନା ମୁତାବକ, ସ୍କାନିଂ ସମୟରେ ଅଧିକାରୀମାନେ ଦମ୍ପତିଙ୍କ ମଧ୍ୟରୁ ଜଣଙ୍କ ପେଟରେ ପ୍ରାୟ ୫୦ଟି କ୍ୟାପସୁଲ ଥିବା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। ଏହି କ୍ୟାପସୁଲଗୁଡ଼ିକରେ କୋକେନ ଭର୍ତ୍ତି ଥିବା ସନ୍ଦେହ କରାଯାଉଛି। ତେବେ ପେଟରେ ଥିବା ଏହି କ୍ୟାପସୁଲ ଗୁଡିକୁ ବାହାର କରିବା ପାଇଁ ଉଭୟ ଅଭିଯୁକ୍ତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। କଷ୍ଟମ ବିଭାଗ ଏବଂ କେରଳ ପୋଲିସର ମିଳିତ ଅପରେସନରେ ଏହି ଗିରଫ କରାଯାଇଛି। ଅଧିକାରୀମାନେ ଏହି ଚୋରା ଚାଲାଣ ନେଟୱାର୍କର ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରଖିଛନ୍ତି। ଏହି ଘଟଣା କେରଳରେ ବୃଦ୍ଧି ପାଉଥିବା ମାଦକ ଦ୍ରବ୍ୟ ଚୋରା ଚାଲାଣ ସମସ୍ୟା ଉପରେ ଆଲୋକପାତ କରିଛି। ତେବେ ଅଭିଯୁକ୍ତଙ୍କ ପେଟରୁ କ୍ୟାପସୁଲ ଗୁଡିକ ବାହାରିବା ପରେ ସମ୍ପୂର୍ଣ୍ଣ ଘଟଣା ସ୍ପଷ୍ଟ ହେବ ବୋଲି ଜଣାପଡିଛି।



ଏହା ପୂର୍ବରୁ ମଧ୍ୟ କୋଚି ଏବଂ ତିରୁଅନନ୍ତପୁରମ ବିମାନବନ୍ଦରରେ ଏକାଧିକ ମାଦକ ଦ୍ରବ୍ୟ ଜବତ ଘଟଣା ସାମ୍ନାକୁ ଆସିଛି। ତଦନ୍ତକାରୀମାନେ ଏହି ମାମଲାରେ ଅଧିକ ସୂଚନା ସଂଗ୍ରହ କରିବାକୁ ଚେଷ୍ଟା କରୁଛନ୍ତି। ଯେଉଁଥିରେ ଏହି ସମ୍ଭାବିତ କୋକେନର ଉତ୍ସ କେଉଁଠି ଏବଂ ଏହାର କେଉଁ ସ୍ଥାନକୁ ଚାଲାଣ କରାଯାଉଥିଲା ତାହା ମୁଖ୍ୟ ବିଷୟ ରହିଛି। ତେବେ ଅଧିକ ତଥ୍ୟ ପାଇଁ ତଦନ୍ତ ଫଳାଫଳକୁ ଅପେକ୍ଷା କରାଯାଇଛି।

# ରାସ୍ତାରେ ନଷ୍ଟ ହେଉଛି ଯୋଗାଣ ପାଣି



**ଜଟଣୀ, ନ୍ୟୁଜ ବ୍ୟୁରୋ**

ବେଣାପଞ୍ଝରୀ ପଞ୍ଚାୟତ ବିଶିଆପଡ଼ା ଗାଁରେ ବର୍ଷ ବର୍ଷ ଧରି ପିଇବା ପାଣି ନଷ୍ଟ ହେଉଛି। ଲକ୍ଷ ଲକ୍ଷ ଲିଟର ଯୋଗାଣ ପାଣି ରାସ୍ତା ଓ ନାଳରେ ଭାସୁଛି। ପାଇପ୍‌ରୁ ଲିକ୍ ହୋଇ ଅନବରତ ପାଣି ଭାସିବା ଦ୍ୱାରା ବିଭିନ୍ନ ସ୍ଥାନରେ କୃତ୍ରିମ ନାଳ ସୃଷ୍ଟି ହେବା ସହ ରାସ୍ତା ମଧ୍ୟ ଖରାପ ହୋଇଗଲାଣି। ସେହିପରି ପାଇପ୍ ଯୋଗେ ଯୋଗାଣ ହେଉଥିବା ପାଣି ଗୋଳିଆ ଆସୁଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତେବେ ଯୋଗାଣ ହେଉଥିବା ପାଣିପାଇପ୍‌ଗୁଡ଼ିକ ପୁରୁଣା ହୋଇଥିବାରୁ ତାହା ନଷ୍ଟ ହୋଇଗଲାଣି। ନଷ୍ଟ ହୋଇଯାଇଥିବା ସ୍ଥାନରୁ ପାଣି ବାହାରୁଥିବା ଦେଖିବାକୁ ମିଳିଛି। ଏବେ ପାଖ ଗାଁ ରାଣୀପୁରରେ ଝାଡ଼ାବାନ୍ତି ଲାଗି ରହିଛି। ତେଣୁ ଆଖ ପାଖ ଅଞ୍ଚଳର ଲୋକମାନେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଗାଁରେ ନଳକୂଅ ନଥିବାରୁ ୪୦୦ରୁ ଉର୍ଦ୍ଧ୍ୱ ପରିବାର ଏହି ଯୋଗାଣ ପାଣି ଉପରେ ନିର୍ଭର କରନ୍ତି। ତଥାପି ପାନୀୟ ଜଳ ପାଇଁ ସମସ୍ତେ ସଂଘର୍ଷ କରୁଛନ୍ତି। ପାଣିପାଇପ୍‌ର ଅନେକ ସ୍ଥାନରେ ଟ୍ୟାପ୍ ନାହିଁ। ଯେଉଁଥିପାଇଁ ଗାଁ ଲୋକେ ଏହି ଲିକେଜ୍ ହେଉଥିବା ସ୍ଥାନରୁ ପାଣି ନେଉଥିବା ଦେଖିବାକୁ ମିଳିଛି। ପାଇପ୍‌ରୁ ଅନେକ ସମୟରେ ଗୋଳିଆ ପାଣି ଆସୁଛି। ଏହାସତ୍ତ୍ୱେ ପାଇପ୍‌ଲାଇନର ମରାମତି ହେଉନି କି ଗୋଳିଆ ପାଣି ସମସ୍ୟାର ସମାଧାନ ପାଇଁ ପ୍ରଶାସନ କିଛି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି।

ଗ୍ରାମର ବାସିନ୍ଦା ମନୋଜ ବେହେରା କହିଛନ୍ତି, ପାଖ ଗାଁରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏଠାରେ ମଧ୍ୟ ପାଣି ଦୂଷିତ ହେଉଥିବାରୁ ସଂକ୍ରାମକ ରୋଗ ବ୍ୟାପିବା ଆଶଙ୍କା କରାଯାଉଛି। ପାଇପ୍ ପାଣି ପିଇବାଯୋଗ୍ୟ ନୁହେଁ। ଲୋକଙ୍କ ସୁବିଧା ପାଇଁ ତୁରନ୍ତ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ। ସ୍ଥାନୀୟ ସରପଞ୍ଚ ଆରଜୁ ପରବିନ୍ କହିଛନ୍ତି, ପ୍ରତିଦିନ ପାଇପ୍ ଯୋଗେ ଗାଁକୁ ଯୋଗାଣ ପାଣି ଆସୁଛି। କିନ୍ତୁ ପାଣି ଲିକେଜ୍ ହେବା ଓ ଗୋଳିଆ ପାଣି ଆସିବା ସଂକ୍ରାନ୍ତରେ କେହି ଅଭିଯୋଗ କରିନାହାନ୍ତି। ଆଗକୁ ଘଟଣା ସଂପର୍କରେ ବୁଝି ପଦକ୍ଷେପ ନିଆଯିବ।

# ବିଧବା ମତ୍ସ୍ୟଜୀବୀ ମହିଳାଙ୍କୁ ନିର୍ଯାତନା ସମ୍ପର୍କରେ ଆଇନ ମନ୍ତ୍ରୀଙ୍କୁ ଭେଟିଲେ ମତ୍ସ୍ୟଜୀବୀ ନେତା

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଠାରେ ଚିଲିକା ମତ୍ସ୍ୟଜୀବୀ ମହାସଂଘ ନେତା ତଥା ଗଞ୍ଜାମ ବିଜେପି ଅନୁସୂଚିତ ଜାତି ସାଧାରଣ ସମ୍ପାଦକ ଭୀମସେନ ବେହେରା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ବିଧବା ମତ୍ସ୍ୟଜୀବୀ ମହିଳା କୁମାରୀ ବେହେରାଙ୍କୁ ଗୋଦାମ ମାଲିକବିଚ ବଜାରେ ବାକି ଟଙ୍କା ବାବଦରେ ମାଡ଼ ମାରିବା ଓ ନିର୍ଯ୍ୟାତନା ସମ୍ପର୍କରେ ବାଲୁଗାଁ ଥାନା କାର୍ଯ୍ୟକ୍ରମ ଅବହେଳା କରିବା ବିଷୟରେ ଅବଗତ କରାଇଥିଲେ। ଚିଲିକା ଜାଗା ଓ ଗୋଚର ଜାଗାରେ ଗୋଦାମ ଘର କରି ବେନିୟମ ଭାବେ ଲକ୍ଷାଧିକ ଟଙ୍କା ଆଦାୟ କରୁଛନ୍ତି। ଏହି ଜାଗାକୁ ଆଗରୁ କିଛି ସ୍ୱେଚ୍ଛାସେବୀ ଚିଲିକା ଜବରଦାଖଲ ନିବୃତ ରହିବା ପାଇଁ ଆନ୍ଦୋଳନ କରିଥିଲେ କିନ୍ତୁ ପୂର୍ବ ସରକାରରେ ଏହି ଭଳି କାମ ସବୁ କରିଛନ୍ତି ତେଣୁ ଅତିଶୀଘ୍ର ଯେଉଁମାନେ ଅବରୋଧ କରିଛନ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମତ୍ସ୍ୟଜୀବୀ ସଂଘ ଦାବି କରିଛନ୍ତି।

# ଭୋଟର ତାଲିକାରେ ପୂଳା ପୂଳା ମିଆଁମାର ଓ ବାଂଲାଦେଶୀ ନାଗରିକ

**ପାଟନା:**

ବିହାରରେ ବର୍ଷ ଶେଷ ଆଡକୁ ବିଧାନସଭା ନିର୍ବାଚନ ହୋଇପାରେ । ଏନେଇ ରାଜନୈତିକ ଦଳଗୁଡିକ ପ୍ରସ୍ତୁତି ଆରମ୍ଭ କରିଦେଇଥିବାବେଳେ ନିର୍ବାଚନ କମିଶନ ମଧ୍ୟ ନିଜ ପ୍ରସ୍ତୁତି ଚଳାଇଛନ୍ତି । ତାରିଖ ବାବଦରେ ଘୋଷଣା ହୋଇନଥିଲେ ବି ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଅଭିଯାନ ଚାଲିଛି । ତେବେ ଏହି ସମୟରେ ଆଶ୍ଚର୍ଯ୍ୟଜନକ ସୂଚନା ସାମ୍ନାକୁ ଆସିଛି। ନିର୍ବାଚନ କମିଶନଙ୍କ ବରିଷ୍ଠ ସୂତ୍ର ଅନୁଯାୟୀ, ରାଜ୍ୟରେ ଘର ଘର ବୁଲି ସର୍ଭେ ସମୟରେ, ବୁଥ୍ ସ୍ତରୀୟ ଅଧିକାରୀମାନେ ନେପାଳ, ବାଂଲାଦେଶ ଏବଂ ମିଆଁମାର ଭଳି ଦେଶରୁ ବେଆଇନ ଭାବରେ ଭାରତକୁ ଆସିଥିବା ଏବଂ ଭୋଟର ତାଲିକାରେ ନିଜର ନାମ ଯୋଡିବାକୁ ଚେଷ୍ଟା କରୁଥିବା ବହୁ ସଂଖ୍ୟକ ଲୋକଙ୍କୁ ପାଇଛନ୍ତି।



ସୂତ୍ରଗୁଡ଼ିକ କହୁଛନ୍ତି ଯେ ଏହି ସନ୍ଦିଗ୍ଧ ନାମଗୁଡ଼ିକର ଏବେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ଏବଂ ଅଗଷ୍ଟ ୧, ୨୦୨୫ ପରେ ଯାଞ୍ଚ ନହେବା ନାମଗୁଡ଼ିକୁ ସେପ୍ଟେମ୍ବର ୩୦ରେ ପ୍ରକାଶିତ ହେବାକୁ ଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯିବ ନାହିଁ। ବିଶ୍ୱାସ କରାଯାଉଛି ଯେ ଚୂଡ଼ାନ୍ତ ତାଲିକା ପ୍ରକାଶନ ପରେ, କମିଶନ ଏହି ଅବୈଧ ପ୍ରବାସୀମାନଙ୍କ ସଂଖ୍ୟା ସାର୍ବଜନୀନ କରିପାରନ୍ତି।

ଏହି ସମୟରେ, ଭୋଟର ଗଣନା ଫର୍ମ ପୂରଣ କରିବା ଏବଂ ନାମ, ଜନ୍ମ ତାରିଖ, ଠିକଣା, ଆଧାର ନମ୍ବର ଏବଂ ଭୋଟର ପରିଚୟ ପତ୍ର ନମ୍ବର ଭଳି ଆବଶ୍ୟକୀୟ ବିବରଣୀ ପ୍ରବେଶ କରିବା କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । କମିଶନଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ୮୦ ପ୍ରତିଶତରୁ ଅଧିକ ଯୋଗ୍ୟ ଭୋଟର ସେମାନଙ୍କର ଫର୍ମ ଦାଖଲ କରିଛନ୍ତି। ଯଦିଓ କମିଶନ ଏହି ପ୍ରକ୍ରିୟାର ଶେଷ ତାରିଖ ଜୁଲାଇ ୨୫ ଧାର୍ଯ୍ୟ କରିଛନ୍ତି, ତଥାପି ଏହା ପୂର୍ବରୁ ଏହି କାର୍ଯ୍ୟ ସମାପ୍ତ ହେବ ବୋଲି ଆଶା କରାଯାଉଛି।

# ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ : ମନମୋହନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ପୋଡିଦେବା ଘଟଣାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ଗୁରୁତର ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅପରାଧୀମାନେ ଯେପରି ଦୃଷ୍ଟାନ୍ତମୂଳକ ଦଣ୍ଡ ପାଆନ୍ତୁ ସେଥିପାଇଁ ଆମେ ଚେଷ୍ଟା କରିବୁ ବୋଲି କହିଛନ୍ତି ଶ୍ରୀ ସାମଲ। ଏକ୍ସରେ ସେ ଲେଖିଛନ୍ତି ପୁରୀ ଜିଲ୍ଲା ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀର ବଳଙ୍ଗା ଅଞ୍ଚଳରେ ଘଟିଥିବା ଘୃଣ୍ୟ ଘଟଣା ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ନାବାଳିକାଙ୍କ ଉପରେ ଏଭଳି ଅତ୍ୟାଚାର କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏହି ଘଟଣା କେବଳ ଜଣେ ନାବାଳିକାଙ୍କ ଉପରେ ଅତ୍ୟାଚାର ନୁହେଁ ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ। ଆମ ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତିବଦ୍ଧ।

# ଜାଲରେ ପଡ଼ିଲା ୨ତେଲିଆ ମାଛ, ବିକ୍ରି ହେଲା ୬ଲକ୍ଷରେ

**ଚାନ୍ଦବାଲି, ନ୍ୟୁଜ ବ୍ୟୁରୋ**

ଭଦ୍ରକଜିଲ୍ଲା ଧାମରା ଅଞ୍ଚଳରେ ସମୁଦ୍ରରେ ଧୀବରଙ୍କ ଜାଲରେ ପଡ଼ିଛି ଦୁଇଟି ତେଲିଆ ମାଛ। ଗୋଟିଏ ମାଛର ଓଜନ ୨୧ କିଲୋ ଏବଂ ଅନ୍ୟଟିର ଓଜନ ୩୧ କିଲୋ ୬୦୦ ଗ୍ରାମ୍ ଥିଲା। ଧାମରା ଚାନ୍ଦିନୀପାଳସ୍ଥ କଣ୍ଟାରେ ମାଛଗୁଡ଼ିକର ଓଜନ ପରେ ନିଲାମ ହୋଇଛି। ୨୧କିଲୋର ମାଛଟିକୁ କିଲୋ ପ୍ରତି ୭ ହଜାର ୫୦୦ ଦରରେ ୧ ଲକ୍ଷ ୫୭ ହଜାର ୫ ଶହ ଏବଂ ୩୧ କିଲୋ ଓଜନ ଥିବା ମାଛକୁ କିଲୋ ପ୍ରତି ୧୪ ହଜାର ୬ ଶହ ଦରରେ ୪ ଲକ୍ଷ ୫୨ ହଜାର ୬୦୦ ଟଙ୍କା, ଏଭଳି ମୋଟ ୬ ଲକ୍ଷ ୧୦ ହଜାର ଟଙ୍କା ଦେଇ ଏକ ଔଷଧ କମ୍ପାନି କିଣି ନେଇଛି। ଉଲ୍ଲେଖଥାଉକି, ତେଲିଆ ମାଛରେ ଅନେକ ଔଷଧୀୟ ତତ୍ତ୍ୱ ରହିଛି।



# ମାସକରେ ରାଜଧାନୀର ୩୦୦ ଲୋକଙ୍କୁ 'ଡକ୍ଟରେଟ୍'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବଜାରରେ ବିକ୍ରି ହେଉଛି 'ଡକ୍ଟରେଟ୍' ଡ଼ିଗ୍ରୀ। ମୂଲ୍ୟ ବି ବେଶୀ ନୁହେଁ, ମାତ୍ର ୧୦୦ ଡ଼ଲାର। ହିସାବ କଲେ ୮୦୦୦ରୁ ୮୫୦୦ ଟଙ୍କା। ଏତିକି ଟଙ୍କା ଦେଲେ ଘରେ ଆସି ପହଞ୍ଚିବ ଡ଼କ୍ଟରେଟ୍ ଡ଼ିଗ୍ରୀ। ଏଥିପାଇଁ ପାଠଶାଠ ଲୋଡ଼ା ନାହିଁ, ଗବେଷଣା ବି ଦରକାର ନାହିଁ। ଶିକ୍ଷାଗତ ଯୋଗ୍ୟତା ନ ଥିଲେ ବି ଚଳିବ, ଦଶମ ପାସ୍ କରି ନଥିଲେ ମଧ୍ୟ ମିଳିଯିବ 'ଡକ୍ଟରେଟ୍' ଉପାଧି, ପୁଣି ଦେଶ ବିଦେଶର ବହୁ ପ୍ରତିଷ୍ଠିତ ବିଶବିଦ୍ୟାଳୟରୁ। ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ବେଶ୍ ପ୍ରଚାର ହେଉଛି, ବିଜ୍ଞାପନ ପ୍ରକାଶ ପାଉଛି । ମାତ୍ର କେହି ଏହାର ପ୍ରତିବାଦ କରୁନାହାନ୍ତି, ଓଲଟି ବିନା ପରିଶ୍ରମ ଓ ବିନା ପାଠରେ ନାମ ଆଗରେ ଡ଼କ୍ଟରେଟ୍ ଲଗାଇବାକୁ ଲୋକ ଧାଡ଼ି ଲଗାଇଛନ୍ତି। ଗତ ମାସେ ମଧ୍ୟରେ ରାଜଧାନୀର ପାଖାପାଖି ୩୦୦ ଲୋକଙ୍କ ସହ ରାଜ୍ୟର ପ୍ରାୟ ୫୦୦ ଲୋକ ଏପରି ଡ଼କ୍ଟରେଟ୍ ଡ଼ିଗ୍ରୀ କିଣିଥିବା ସୂଚନା ମିଳିଛି ।

ସାମାଜିକ ଗଣମାଧ୍ୟମରେ ଦେଶ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଡକ୍ଟରେଟ୍' ଉପାଧି ପାଇଁ ମାଳମାଳ ବିଜ୍ଞାପନ ଆସୁଛି। କିଏ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅନୁମୋଦନପ୍ରାପ୍ତ ବୋଲି ଉଲ୍ଲେଖ କରିଛି ତ ଆଉ କିଏ ଗ୍ଲୋବାଲ୍ ମାନ୍ୟତାପ୍ରାପ୍ତ ଲେଖିଛନ୍ତି। ଏଥିପାଇଁ ଯେକେହି ଆବେଦନ କରିପାରିବେ ବୋଲି କୁହାଯାଉଛି। ନାମ ଆଗରେ ଶ୍ରୀଯୁକ୍ତ, ଶ୍ରୀମତୀ ବଦଳରେ ଡ. ଲଗାଇବାକୁ ସୁବର୍ଣ୍ଣ ସୁଯୋଗ ବୋଲି ଉଲ୍ଲେଖ କରୁଛନ୍ତି। ଆମେରିକୀୟ ସଂସ୍ଥା ଏମ୍ଲି ଓ ଆମେରିକାନ୍ ମେରିଟ୍ କାଉନ୍‌ସିଲ ନିଜକୁ ୟୁଜିସି ମାନ୍ୟତାପ୍ରାପ୍ତ ଦର୍ଶାଇଛନ୍ତି। 'ଡକ୍ଟରେଟ୍' ପାଇଁ ମାତ୍ର ଶହେ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୮୫୦୦ ଟଙ୍କା ରଖିଛନ୍ତି। ସେହିପରି ଲର୍ଣ୍ଣିଂ ସେଣ୍ଟ ଏଜୁକେସନ୍‌ସ ମାତ୍ର ମାସେ ମଧ୍ୟରେ 'ଡକ୍ଟରେଟ୍' ଉପାଧି ପ୍ରଦାନ କରିବ ବୋଲି ଉଲ୍ଲେଖ କରିଛି। ବରିଷ୍ଠ ନାଗରିକ, ମହିଳା, କଳାକାର ଓ ଶିକ୍ଷାବିତ୍‌ଙ୍କ ପାଇଁ ସ୍ପେଶାଲ୍ ଅଫର ମଧ୍ୟ ରହିଛି। ୧୪,୯୯୯ ଟଙ୍କା ଦେଇ ସେମାନେ ଉପାଧି ନେଇ ପାରିବେ। ଆଉ ଏକ ସଂସ୍ଥା ଗ୍ଲୋବାଲ୍ ହ୍ୟୁମାନ୍ ରାଇଟ୍ ଟ୍ରଷ୍ଟ ପକ୍ଷରୁ ଦୁଇ ପ୍ରକାର ଦର ଧାର୍ଯ୍ୟ କରାଯାଇଛି। 'ଡକ୍ଟରେଟ୍' ଉପାଧି କୋରିଅରରେ ନେବାପାଇଁ ହେଲେ ୧୨,୫୦୦ ଟଙ୍କା ଧାର୍ଯ୍ୟ କରିଥିବାବେଳେ ଜୋତା, ମୋଜା, କୋର୍ଟ ଓ ଗାଉନ୍ ପିନ୍ଧି ଫଟୋ ଉଠାଇ ଉପାଧି ନେଲେ ୨୮,୫୦୦ ଟଙ୍କା ପଡ଼ିବ ବୋଲି କୁହାଯାଇଛି। ସେହିପରି ଅନରାରି ଡକ୍ଟରେଟ୍ ଆୱାର୍ଡେଡ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ଉଷା ମାର୍ଟିନ୍ ୟୁନିଭର୍ସିଟି, ବିଦ୍ୟା ବାଚସ୍ପତି, ଏମ୍‌କେ ୟୁନିଭର୍ସିଟି, କଲେଜ୍ ବିଦ୍ୟା, ଲର୍ଣ୍ଣିଂ ସେଣ୍ଟ ଏଜୁକେସନ୍, ଏଡ୍‌ଜେୱେଡ୍ କଲେଜ ପରି ମାଳମାଳ ବିଶ୍ୱବିଦ୍ୟାଳୟ ସେମାନଙ୍କ ଠାରୁ 'ଡକ୍ଟରେଟ୍' ଉପାଧି ନେବାପାଇଁ ଅଫର ଦେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେବା କ୍ଷେତ୍ରରେ ହିଁ ଏସବୁ ଉପାଧି ଦିଆଯାଉଛି।

'ଡକ୍ଟରେଟ୍' ଏକ ସମ୍ମାନଜନକ ଓ ମର୍ଯ୍ୟାଦାପୂର୍ଣ୍ଣ ଉପାଧି ଭାବେ ବିବେଚନା କରାଯାଏ। ନାମ ପୂର୍ବରୁ ଡ. ଲାଗିଲେ ମନରେ ସମ୍ମାନ ଭାବ ଜାଗ୍ରତ ହୁଏ। ବିଶ୍ୱବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ପିଏଚ୍‌ଡ଼ି ଡିଗ୍ରୀ ପ୍ରଦାନ କରିଥାଆନ୍ତି, ସେହିପରି ବିଭିନ୍ନ ଗବେଷଣାରେ ଉତ୍ତୀର୍ଣ୍ଣ ପରେ ଗବେଷକମାନଙ୍କୁ ପିଏଚ୍‌ଡ଼ି ଡ଼ିଗ୍ରୀ ପ୍ରଦାନ କରାଯାଇଥାଏ। ମାତ୍ର ଏବେ ସାମାଜିକ ଗଣମାଧ୍ୟମରେ ଖୋଲାଖୋଲି "ଡକ୍ଟରେଟ୍' ଡିଗ୍ରୀ ବିକ୍ରି ହେଉଛି ଓ କିଣିବାକୁ ଗ୍ରାହକ ମଧ୍ୟ ପ୍ରବଳ। ବିଶେଷ କରି ରାଜନୈତିକ ରୁଚି ରଖିଥିବା ବ୍ୟକ୍ତିମାନେ ଏହାର ପ୍ରମୁଖ ଗ୍ରାହକ ପାଲଟିଛନ୍ତି। ଫେସବୁକ୍‌ରେ ବ୍ଲୁ ଟିକ୍ ସହ ଡ. ଲେଖି ନିଜର ପତିଆରା ବଢ଼ାଇବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଏସବୁ ଉପାଧି ଦେବାକୁ ସ୍ୱତନ୍ତ୍ର ଉତ୍ସବ ଆୟୋଜନ ହେଉଛି। ନିକଟରେ ଇଣ୍ଟିଗ୍ରେଟେଡ୍ ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ଭୁବନେଶ୍ୱରରେ ପ୍ରାୟ ୩ଶହ ଲୋକଙ୍କୁ ଉପାଧି ପ୍ରଦାନ କରାଯାଇଥିବାବେଳେ ରାଉରକେଲାରେ ଏକ ସମାରୋହ କରିବାକୁ ବିଜ୍ଞାପନ ଜାରି କରିଛି। ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ। ଫଳରେ ଡକ୍ଟରେଟ୍ ଉପାଧିର ମାନ ମାଟିରେ ମିଶିବା ସହ ମାଳମାଳ ଡକ୍ଟରେଟ୍‌ଧାରୀ କାୟାବିସ୍ତାର କଲେଣି। ସରକାର ଏହା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରିଛନ୍ତି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଜୁଲାଇ ୨୦୨୫ ସୋମବାର





# ୨୨ କେଜିରୁ ଅଧିକ ଗଞ୍ଜେଇ ଜବତ : ଜଣେ ଗିରଫ

**ନୂଆପଡା, ନ୍ୟୁଜ ବ୍ୟୁରୋ**

ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ପୋଲିସ ୨୨ କେଜିରୁ ଅଧିକ ଗଞ୍ଜେଇ ଧରିବାରେ ସଫଳତା ହାସଲ କରିଛି। ଖଡ଼ିଆଳ ଥାନା ଅଧିକାରୀ ଦିଲୀପ ସାହୁଙ୍କ ନେତୃତ୍ୱରେ ସଙ୍ଗଠିତ ଏକ ଦଳ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଡୁଆଝର ଗ୍ରାମ ଅନ୍ତର୍ଗତ ଭିମା ମେହେର ଙ୍କ ଫେନ୍ସି ଷ୍ଟୋର ରେ ଅତର୍କିତ ଚଢ଼ଉ କରି ନିୟମିତ ଭାବରେ ଗଞ୍ଜେଇ ବିକ୍ରି କରିଆସୁଥିବା ଖବର ହସ୍ତଗତ ହେବା ହେତୁ ତାଙ୍କ ଦୋକାନରୁ ଉପରେ ଲିଖିତ ପରିମାଣର ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି। ଏହି ଖବର ନୂଆପଡା ଆରକ୍ଷୀ ଅଧିକ୍ଷକ ଜି ଆର ରାଘବେନ୍ଦ୍ର ନୂଆପଡା ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପରିସରରେ ସାମ୍ବାଦିକଙ୍କ ସମ୍ମୁଖରେ ସମୂହ ପ୍ରକାଶ କରିଛନ୍ତି। ଏହି ଅବସରରେ ଗିରଫ ହୋଇଥିବା ଭିମା ମେହେରଙ୍କ ସମସ୍ତ ସମ୍ପତି ଯାଞ୍ଚ କରାଯିବ ବୋଲି ରାଘବେନ୍ଦ୍ର ପ୍ରକାଶ କରିଛନ୍ତି। ସୂଚନାନୁସାରେ ଭିମା ମେହେର ନିୟମିତ ଗଞ୍ଜେଇ ବ୍ୟବସାୟ କରି ଆସୁଛନ୍ତି ବୋଲି ପ୍ରମାଣ ମିଳିଛି। ଏହି ଚଢ଼ାଉରେ ଏସଆଇ ହରେକୃଷ୍ଣ ଯାନୀ ମିନତୀ ବଡ଼ନାଏକ ହାବିଲଦାର ପିକେ ସିନ୍ଦୁର ପ୍ରମୁଖ ସାମିଲ ଥିଲେ। ସୂଚନା ପ୍ରଦାନ ସମୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ କୁମାର ନାଏକ ନୂଆପଡା ଥାନାଧିକାରୀ ଗଙ୍ଗାଧର ମେହେର ଜୋଙ୍କ ଥାନାଧିକାରୀ ପିକେ ଧରୁଆ ଖଡ଼ିଆଳ ଥାନାଧିକାରୀ ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୪୬୯ ଜଣ ଭିନ୍ନକ୍ଷମ ପେନ୍‌ସନ୍ ଅପେକ୍ଷାରେ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ୪୬୯ଜଣ ଭିନ୍ନକ୍ଷମ ପେନସନ ପାଇବାରେ ଅପେକ୍ଷା ଅଛନ୍ତି। ସୂଚନା ଯୋଗ୍ୟ ଗତ ବର୍ଷେ ହେଲା ଭିନ୍ନକ୍ଷମମାନଙ୍କ ପେନସନ କୋଟା ଆସି ନାହିଁ। ତେଣୁ ମୃତ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ବିପକ୍ଷରେ ନୂତନ ଭିନ୍ନକ୍ଷମ ପେନସନ ଦିଆଯାଉଛି । ଯାହାର ପେନସନ ଦେବାର ସଂଖ୍ୟା ନଗଣ୍ୟ ହେଉଛି। ଚଳିତ ମାସ ବିଭାଗୀୟ ସୂଚନା ମୁତାବକ ଏହି ଜିଲ୍ଲାର ବିନିକା ବ୍ଲକରେ ୭୮ ଜଣ , ବିନିକା ଏନଏସି ୩୦ ଜଣ, ବୀରମହାରାଜପୁର ୬୨ଜଣ, ଡୁଙ୍ଗୁରି ପାଲି ବ୍ଲକ ୨୯ ଜଣ , ସୋନପୁର ବ୍ଲକ ୬୫ଜଣ, ସୋନପୁର ପୌର ପରିଷଦରେ ୩୭ ଜଣ, ତରଭା ବ୍ଲକରେ ୧୨୨ ଜଣ, ତରଭା ଏନଏସିରେ ୩ଜଣ, ଉଲୁଣ୍ଡା ବ୍ଲକରେ ୪୩ ଜଣ ଭିନ୍ନକ୍ଷମ ଅନଲାଇନରେ ପେନସନ ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି। ଜିଲ୍ଲାର ଜନ କଲ୍ୟାଣ ବ୍ୟବସ୍ଥାରେ ଏକ ହଜାର ଟଙ୍କାର ଭିନ୍ନକ୍ଷମ ପେନସନ ଯୋଜନା ଏକ ସମ୍ବେଦନଶୀଳ ପ୍ରସଙ୍ଗ ରହିଥାଏ। ଦୀର୍ଘ୍ୟ ବର୍ଷେ ହେଲା ୪୬୯ ଜଣ ଭିନ୍ନକ୍ଷମ ପେନସନ ପାଇଁ ଅପେକ୍ଷା ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ। ତେଣୁ ବିଭାଗୀୟ ମନ୍ତ୍ରୀ, ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ରାଜନୈତିକ ନେତୃତ୍ୱ ବୃନ୍ଦ ଦୃଷ୍ଟି ଦେବାକୁ ଦାବି ହେଉଛି।

## ମୌସୁମୀ ଋତୁର ମୁକାବିଲା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

# ଛଅଟି ସର୍କଲରେ ୫୯୨୫ ଜଣିଆ ସ୍ୱତନ୍ତ୍ର ଟିମ୍ ନିୟୋଜିତ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ମୌସୁମୀ ଋତୁରେ ଦକ୍ଷିଣ ଓଡ଼ିଶାରେ ବିଜୁଳି ବିତରଣ କ୍ଷେତ୍ରରେ ଅନେକ ଆହ୍ୱାନ ରହିଥିବା ବେଳେ, ଏହାର ମୁକାବିଲା କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ଚଳିତ ବର୍ଷା ଋତୁରେ ଯେକୌଣସି ପ୍ରକାର ପରିସ୍ଥିତିର ସାମ୍ନା କରି ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ବିଜୁଳି ଯୋଗାଣ କରିବା ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଘଞ୍ଚ ଜଙ୍ଗଲ, ପାହାଡିଆ ଅଞ୍ଚଳ ତଥା ଗ୍ରାମୀଣ ଇଲାକାରେ ଭରପୂର ଦକ୍ଷିଣ ଓଡ଼ିଶାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣ ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ତ୍ୱରିତ ପଦକ୍ଷେପ ସୁନିଶ୍ଚିତ କରିବା ସକାଶେ ଟିପିଏସ୍‌ଓଡିଏଲ୍ ଏକ ସୁବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରିଛି। ମୌସୁମୀ ଋତୁର ଆହ୍ୱାନକୁ ସାମ୍ନା କରିବା ପାଇଁ କମ୍ପାନୀ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ କରାଯିବା ସହ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯାଇଛି। ଛଅଟି ସର୍କଲରେ ଜରୁରୀକାଳୀନ ଯାନ ଏବଂ ଅତିରିକ୍ତ ମାନବ ସମ୍ବଳ ସହ ୫,୯୨୫ ଜଣିଆ ଏକ ଉତ୍ସର୍ଗୀକୃତ ଟିମ୍ ଗଠନ କରାଯାଇଛି। ବିଦ୍ୟୁତ ବିଚ୍ଛିନ୍ନ ଏବଂ ଗଛ ପଡ଼ି ବିଜୁଳି ସରବରାହ ବ୍ୟାଘାତ ହେବା ସମସ୍ୟାର ସମାଧାନ ପାଇଁ ୬ ଟି ଭ୍ରାମ୍ୟମାଣ ବିତରଣ ସବଷ୍ଟେସନ ଏବଂ ଦୁଇଟି ଟାୱାର ୱାଗନ ମୁତୟନ କରାଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ, କଣ୍ଡକ୍ଟର, ଏଲଟି କେବୁଲ ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ



ଉପଯୁକ୍ତ ପରିମାଣରେ ମହଜୁଦ ଅଛି। ଏହାସହ ପ୍ରତ୍ୟେକ ଡିଭିଜନରେ ରାତ୍ରିକାଳୀନ ମରାମତି କାମ ପାଇଁ ୨୫ ଟି ଆସ୍କା ଲାଇଟ୍ ଏବଂ ୧୯ ଟି ଡିଜି ସେଟ୍ ଉପଲବ୍ଧ ରହିଛି। ବିତରଣ ନେଟୱର୍କକୁ ସୁଦୃଢ଼ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅଦ୍ୟାବଧି ୨୫୨୯ ଟି ଇଣ୍ଟରପୋଜିଂ ଖୁଣ୍ଟ ସ୍ଥାପନ କରାଯାଇଛି। ଚଳିତ ବର୍ଷ ଡ୍ରୋନ ମାଧ୍ୟମରେ ୧୧ କେଭି ଏବଂ ୩୩ କେଭି ବିଦ୍ୟୁତ ଲାଇନର ସର୍ଭେ କରାଯାଉଛି, ଯାହା ଫଳରେ ସମ୍ଭାବ୍ୟ ତ୍ରୁଟିକୁ ପୂର୍ବରୁ ଚିହ୍ନଟ କରାଯାଇପାରିବ। ବିଶେଷ କରି ଜଙ୍ଗଲ ଘେରା ପାହାଡିଆ ଅଞ୍ଚଳରେ ଏହା ସହାୟକ ହେବ। ବ୍ରହ୍ମପୁର ସ୍ଥିତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସସିସି) ଏବଂ ରାୟଗଡ଼, ଭଞ୍ଜନଗର ଓ ଜୟପୁରରେ ଥିବା ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ୨୪ ଘଣ୍ଟା କାର୍ଯ୍ୟକ୍ଷମ ଅଛି ଏବଂ ସ୍କାଡ଼ା ଟେକ୍ନୋଲଜି ମାଧ୍ୟମରେ ୧୭୮ ଟି ସବଷ୍ଟେସନର ରିଅଲ ଟାଇମ୍ ନିରୀକ୍ଷଣ କରାଯାଉଛି। ଆଇଭିଆରଏସ୍ ପରିଚାଳିତ ବ୍ୟବସ୍ଥା, ଏସଏମଏସ୍ ଆଲର୍ଟ ଏବଂ ମିସ୍ଡ କଲ୍ ସେବା (୯୭୭୭୭୭୪୬୯୯) ଦ୍ୱାରା ଗ୍ରାହକ ସମ୍ପର୍କ ସୁଦୃଢ ହୋଇଛି। ଏହା ମାଧ୍ୟମରେ ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ବିଚ୍ଛିନ୍ନ ଏବଂ ପୁନଃଯୋଗାଣ ସମ୍ପର୍କିତ ସୂଚନା ତୁରନ୍ତ ମିଳିପାରୁଛି। ଏହା ବ୍ୟତୀତ ଟିପିଏସ୍‌ଓଡିଏଲର ୨୪X୭ କଲ୍ ସେଣ୍ଟର (ଟୋଲ୍ ଫ୍ରି ନମ୍ବର: ୧୯୧୨/ ୧୮୦୦୨୦୨୬) ସାହାଯ୍ୟରେ ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ପ୍ରତିକାର କରାଯାଇପାରୁଛି। ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ଏହି ସେବା ସକ୍ରିୟ ରହିବ। ଏହାସହ ଗୁଣବତ୍ତା ମାନକ ଏସଏଆଇଏଫଆଇ ଏବଂ ଏସଏଆଇଡିଆଇ ଭଳି ଟିପିଏସ୍‌ଓଡିଏଲର ଅନଲାଇନ୍ ପବ୍ଲିକେସନ୍ ଗୁଣାତ୍ମକ ସେବା ଯୋଗାଇବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ସ୍ୟାଟେଲାଇଟ ଫୋନ୍ ଏବଂ ଏକ ସ୍ୱତନ୍ତ୍ର ୩୩ କେଭି କଣ୍ଟ୍ରୋଲ ଡେସ୍କ ମାଧ୍ୟମରେ ସବୁ ବିଭାଗ ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରାଯାଇଛି। ଟେକ୍ନୋଲଜିର ଉପଯୋଗ ଏବଂ ସଶକ୍ତ ଟିମ୍ ପ୍ରସ୍ତୁତ କରି ଟିପିଏସ୍‌ଓଡିଏଲ୍ ମୌସୁମୀ ଋତୁରେ ଭରସାଯୋଗ୍ୟ ବିଜୁଳି ବିତରଣ କରିବା ଦିଗରେ ଏକ ମାନଦଣ୍ଡ ସ୍ଥାପନ କରିଛି। ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ବର୍ଷା ଋତୁରେ ଆମେ ଉଭୟ ଉପଭୋକ୍ତା ଏବଂ ଆମ କର୍ମଚାରୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉ। ମୌସୁମୀର ଆହ୍ୱାନ ସତ୍ତ୍ୱେ ପ୍ରତ୍ୟେକ ଉପଭୋକ୍ତା, ବ୍ୟାବସାୟିକ ଅନୁଷ୍ଠାନ ଏବଂ ଅତ୍ୟାବଶ୍ୟକ ସେବାଗୁଡିକୁ ସର୍ବନିମ୍ନ ବ୍ୟାଘାତ ସହ ଉତ୍ତମ ବିଜୁଳି ସେବା ପ୍ରଦାନ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯାଉଛି। ସୁଦୃଢ଼ ନେଟୱର୍କ, ଡ୍ରୋନ ସର୍ଭେ ଭଳି ଉନ୍ନତ ଟେକ୍ନୋଲଜି ଏବଂ ଗ୍ରାହକ ସମ୍ପର୍କ ମାଧ୍ୟମରେ ଆମେ ଭରସାଯୋଗ୍ୟ ବିଜୁଳି ଯୋଗାଇବା ସହ ଉପଭୋକ୍ତାଙ୍କ ଚାହିଦା ଏବଂ ସମସ୍ୟାକୁ ଦୃଷ୍ଟିରେ ରଖି କାମ କରୁଛୁ।'

# ଧାମନଗରର ୩ ହାଇସ୍କୁଲରେ ଯୁକ୍ତ ଦୁଇ ଖୋଲିବାକୁ ଗଣଶିକ୍ଷା ବିଭାଗର ମଞ୍ଜୁରୀ



**ଧାମନଗର, ନ୍ୟୁଜ ବ୍ୟୁରୋ**

ଧାମନଗର ବ୍ଲକର ତିନିଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଞ୍ଜୁରୀ ଦେଇଛି। ଫଳରେ ଏହି ତିନିଟି ହାଇସ୍କୁଲରେ ଯୁକ୍ତ ଦୁଇ ଶ୍ରେଣୀ ଖୋଲିବ। ବିଭିନ୍ନ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ପାଖକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ଚିଠିରୁ ଏହି ସୂଚନା ମିଳିଛି। ଏହି ଚିଠି ଅନୁସାରେ ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ନୋଡାଲ ହାଇସ୍କୁଲ, ଚୂଡ଼ାକୁଟି ଇନ୍ଦ୍ରଗୋବିନ୍ଦ ନୋଡାଲ ହାଇସ୍କୁଲ ଓ ସୋହଡ଼ା ପଞ୍ଚାୟତର ବାଲିପଡ଼ାସ୍ଥିତ ବୈତରଣୀ ହାଇସ୍କୁଲରେ ଯୁକ୍ତ ଦୁଇ ଖୋଲିବ। ଏହି ତିନିଟି ଯାକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ରହିବ ବୋଲି ଏହି ଚିଠିରୁ ଜଣାପଡ଼ିଛି। ମିଳିଥିବା ଚିଠିରେ ଦର୍ଶାଯାଇଛି ଯେ, ୨୦୨୫-୨୬ ଶିକ୍ଷାବର୍ଷରୁ ଏଠାରେ ଯୁକ୍ତ ଦୁଇ ପାଠ ପଢ଼ାଯିବ। ହେଲେ ତିନି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏହାକୁ ଅସ୍ୱୀକାର କରିଛନ୍ତି। ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ ଲାଗି କୌଣସି ପ୍ରକାର ଭିତ୍ତିଭୂମି ବିକାଶ ହୋଇନାହିଁ। ଏଥିଲାଗି ଆବଶ୍ୟକୀୟ ଉପଯୁକ୍ତ ଶ୍ରେଣୀଗୃହ ନାହିଁ। ବିଜ୍ଞାନାଗାର ମଧ୍ୟ ନାହିଁ। ତା' ସହିତ ପିଜି ଶିକ୍ଷକ କି ଅଧ୍ୟାପକ ମଧ୍ୟ ନାହାନ୍ତି। ଏଣୁ ଚଳିତ ଶିକ୍ଷାବର୍ଷରୁ ଯୁକ୍ତ ଦୁଇ ପାଠ୍ୟକ୍ରମରେ ପାଠ ପଢ଼ାଯିବା ସମ୍ଭବ ନୁହଁ। ଏଣୁ ଆସନ୍ତାବର୍ଷ ଯୁକ୍ତ ଦୁଇ ପାଠ ପଢ଼ାଯିବ ବୋଲି ଜଗନ୍ନାଥ ନୋଡାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ରମୋହନ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପାଠ ପଢ଼ାଯିବା ପୂର୍ବରୁ ସ୍କୁଲରେ ପ୍ରିନ୍ସପାଲଙ୍କୁ ନିଯୁକ୍ତି ମଧ୍ୟ ଦିଆଯିବ। କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଆଧାରରେ ଗୋଟିଏ କ୍ୟାଂପସରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ରଖିବା ଉଦ୍ଦେଶ୍ୟ ନେଇ ଗଣଶିକ୍ଷା ବିଭାଗ ଏହି ପଦକ୍ଷେପ ନେଇଛି। ଗୋଟିଏ କ୍ୟାଂପସରେ ପ୍ରଥମରୁ ଦ୍ୱାଦଶ ଯାଏ ଶ୍ରେଣୀ ରହିଲେ ଏହା ଏକୀକୃତ ପରିଚାଳନାରେ ରହିବ। ଜଣେ ପ୍ରଧାନଶିକ୍ଷକ କିମ୍ବା ଅଧ୍ୟକ୍ଷଙ୍କ ଅଧିନରେ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ କାମ କରିବେ। ଏହାସହ ଶିକ୍ଷକ ମାନଙ୍କୁ ତାଲିମ ଦେବାରେ ସୁବିଧା ହେବ। କ୍ୟାଂପସରେ ଶୃଙ୍ଖଳା ରହିବ। ପିଲାଙ୍କ ଦକ୍ଷତା ବିକାଶ ହୋଇପାରିବ। ଏହି ଲକ୍ଷ୍ୟ ନେଇ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଅପଗ୍ରେଡ କରିବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଥିଲେ। ମାନଦଣ୍ଡକୁ ନଜରରେ ରଖି ଜିଲ୍ଲା ଶିକ୍ଷା ବିଭାଗ ଧାମନଗରର ୮ଟି ସ୍କୁଲର ନାଁ ଗତବର୍ଷ ସୁପାରିଶ କରିଥିଲେ।

ଅପଗ୍ରେଡ କରିବା ଲାଗି ନିର୍ଦ୍ଧାରିତ କେତେକ ବିନ୍ଦୁକୁ ଜୋର ଦିଆଯାଇଥିଲା। ଯେଉଁ ସ୍କୁଲ ଅପଗ୍ରେଡ ହେବ, ସେହି ସ୍କୁଲରେ କେଉଁ ଶ୍ରେଣୀରୁ କେଉଁ ଶ୍ରେଣୀ ଯାଏ ରହିଛି। ମୋଟ୍ କେତେ ପିଲା ପାଠ ପଢୁଛନ୍ତି। ଦଶମ ଶ୍ରେଣୀରେ ଗତ ଶିକ୍ଷା ବର୍ଷରେ କେତେ ଜଣ ନାଁ ଲେଖାଇଥିଲେ। ସ୍କୁଲର ଜମି କେତେ ରହିଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା ଯୁକ୍ତ ଦୁଇ ଖୋଲିଲେ କେତୋଟି ଗାଁର ପିଲା ଆସି ପଢ଼ିବେ। ଯୁକ୍ତ ଦୁଇର କେତୋଟି ଷ୍ଟ୍ରିମ ଖୋଲାଯିବ ଓ ମୋଟ୍ କେତେ ଜଣ ପିଲା ନାଁ ଲେଖାଇବା ସମ୍ଭାବନା ରହିଛି, ସେନେଇ ସୂଚନା ଦିଆଯିବାକୁ କୁହାଯାଇଥିଲା। ତା' ଛଡ଼ା ଅପଗ୍ରେଡ ହେବାକୁ ଥିବା ସ୍କୁଲଠାରୁ କେତେ ଦୂରରେ ରହିଛି ନିକଟତମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ଏ ସବୁ ସୂଚନା ସହ ଜିଲ୍ଲା ଶିକ୍ଷା ବିଭାଗ ୮ଟି ସ୍କୁଲର ନାଁ ସୁପାରିଶ କରିଥିଲା। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏନେଇ ଗଣଶିକ୍ଷା ବିଭାଗ ସହ ଆଲୋଚନା କରିଥିଲେ। ଏହାପରେ ଗଣଶିକ୍ଷା ବିଭାଗ ବ୍ଲକର ୩ଟି ସ୍କୁଲରେ ଯୁକ୍ତ ୨ ଖୋଲିବାକୁ ମଞ୍ଜୁରୀ ଦେଇଛନ୍ତି।

## କେନ୍ଦୁଝର ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ଆନନ୍ଦ ଉଲ୍ଲାସରେ ସ୍ୱାଧୀନତା ଦିବସ ପାଳନ କରିବାକୁ ପରାମର୍ଶ

**କେନ୍ଦୁଝର: ନ୍ୟୁଜ**

କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ଆଗାମୀ ସ୍ୱାଧିନତା ଦିବସକୁ ଜାତୀୟ ଭାବନା ସହ ବିପୁଳ ଆନନ୍ଦ ଉଲ୍ଲାସ ଓ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରିବା ପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସାର୍ଥକ ରାୟ ପ୍ରସ୍ତୁତି ବୈଠକର ସଂଯୋଜନା କରିବା ସହିତ କାର୍ଯ୍ୟସୂଚୀ ସଂପର୍କରେ ବିବରଣୀ ପ୍ରଦାନ କରି ଆଲୋଚନା ଆରମ୍ଭ କରିଥିଲେ । ପ୍ରସ୍ତୁତି ବୈଠକର ନିଷ୍ପତି ଅନୁଯାୟୀ ସ୍ୱାଧୀନତା ଦିବସ ଅବସରରେ ପ୍ରତ୍ୟୁଷରେ ରାମଧୂନ୍ ପ୍ରଚାର, ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ ଘଟିକାରୁ ଘ୭.୩୦ମି. ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ, ସକାଳ ଘ୮.୪୫ମି. ସମୟରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ଘ୯.୧୫ମି. ସମୟରେ କେନ୍ଦୁଝର ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍ ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ, ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ କବିତା ପାଠୋତ୍ସବ, ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଏବଂ ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ୱାଧୀନତା ଦିବସ ଦିନ ପୂର୍ବାହ୍ନ ଘ୯.୧୫ ମି. ସମୟରେ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ସମ୍ମିଳିତ ପ୍ୟାରେଡ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଗାମୀ ଅଗଷ୍ଟ ମାସ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ ଘଟିକା ସମୟରେ ପ୍ୟାରେଡ୍ ଅଭ୍ୟାସ ଅନୁଷ୍ଠିତ ହେବ ବୋଲି ସ୍ଥିରିକୃତ ହୋଇଛି। ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, କୁଇଜ, ଦୃଷ୍ଟିଶକ୍ତିବାଧିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ଛାତ୍ରୀ ଓ ମହିଳାମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତି ନିଆଯାଇଛି । ଏତଦ୍ ବ୍ୟତୀତ ସ୍ୱାଧୀନତା ଦିବସ ସମାରୋହର ସୁପରିଚାଳନା ନିମନ୍ତେ ଆଇନ ଶୃଙ୍ଖଳା, ଟ୍ରାଫିକ୍ କଂଟ୍ରୋଲ୍, ଆଶୁ ଚିକିତ୍ସା, ପାନୀୟ ଜଳ ଯୋଗାଣ ଓ ପରିମଳ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଆଦି ପ୍ରସଙ୍ଗ ସମ୍ପର୍କରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଜମି ଅପେକ୍ଷାରେ ଏନ୍‌ଏଚ୍‌ଏଆଇ : ଖୁବ୍ ଶୀଘ୍ର ନିର୍ମାଣ ହେବ ଯାତ୍ରୀ ପ୍ରତୀକ୍ଷାଳୟ

**ଧର୍ମଶାଳା, ନ୍ୟୁଜ ବ୍ୟୁରୋ**

ଜାରକା ଫ୍ଲାଇଓଭର ବ୍ରିଜର ଉଭୟ ପାର୍ଶ୍ୱରେ ଦୁଇ ଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୀର୍ଘଦିନ ଧରି ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜିବୀତ ଅବସ୍ଥାରେ ଏହି ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ଜାରକା ବସ୍‌ଷ୍ଟପ୍ ଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାତ୍ରୀମାନେ ଖରା ବର୍ଷା ଶୀତ କାକରରେ ଠିଆହୋଇ ବସ କୁ ଅପେକ୍ଷା କରି ରହୁଛନ୍ତି। ବସ୍ ଯାତ୍ରୀମାନଙ୍କ ନିମନ୍ତେ ଫ୍ଲାଇଓଭର ବ୍ରିଜର ଦୁଇପାର୍ଶ୍ୱରେ



ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟ ୨୦୨୩ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଠାରେ ଦାବି କରିଥିଲେ। ତଦନୁଯାୟୀ ତତ୍କାଳୀନ ଜିଲ୍ଲାପାଳ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବି ଲାବଣ୍ୟଙ୍କର ପରଲୋକ ହୋଇଯାଇଥିବା ବେଳେ ଇତି ମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କାର୍ଯ୍ୟ ହୋଇପାରିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଅଛି। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ରବି ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଚଣ୍ଡିଖୋଲ ସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟ ଠାରେ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି ବର୍ମାଙ୍କୁ ସାକ୍ଷାତ କରିବା ସହ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଆମେ ପ୍ରସ୍ତୁତ ହୋଇ ରହିଅଛୁ। କିନ୍ତୁ ଆବଶ୍ୟକ ଜମି ଚିହ୍ନଟ ହୋଇନଥିବାରୁ ଏହାର ନିର୍ମାଣ କାର୍ଯ୍ୟ ଅଟକି ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି ବର୍ମା ପ୍ରକାଶ କରିଥିଲେ। ତହସିଲଦାର ତୁରନ୍ତ ଜମି ଚିହ୍ନଟ କରି ଆମକୁ ଯୋଗାଇ ଦେଲେ ଖୁବ ଶୀଘ୍ର ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଆରମ୍ଭ ହେବ ବୋଲି ସେ କହିଥିଲେ। ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପିତାଙ୍କର ସ୍ୱପ୍ନ ପୂରଣ କରିବାକୁ ଉଭୟ ପୁତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିବା ଜଣାପଡିଛି । ଆଲୋଚନା ସମୟରେ ସାମ୍ବାଦିକ ବିନୋଦ ସାହୁ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୧।୭।୨୦୨୫, ଶ୍ରାବଣ ଦି୬ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୮।୨୮** **ଚନ୍ଦ୍ରୋଦୟ- ରାଘ ୨।୨୧।୧୧**


**ଏକାଦଶୀ-** ଦିଘ ୯।୩୯ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ରାଘ ୯।୦୭ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୯।୩୯ ପରେ ପୋଇ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୨ ଗତେ ଘ ୬।୫୯ ମଧ୍ୟେ । ଦିଘ ୧୦।୩୪ ଗତେ ଘ ୧।୧୧ ମଧ୍ୟେ । **ପର୍ବୋତ୍ସବ-** କାମଦା ଏକାଦଶୀ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।




**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।




**କର୍କଟ:** ମନରେ ଚଞ୍ଚକତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।




**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୭।୨୦୨୫, ଶ୍ରାବଣ ଦି୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫/୧୮/୫୦** **ଚନ୍ଦ୍ରୋଦୟ- ରାଘ ୩/୨୪/୧୨**

**ଦ୍ୱାଦଶୀ-** ପ୍ରାଘ ୭/୦୬ ପର୍ଯ୍ୟନ୍ତ, ଗତେ ତ୍ରୟୋଦଶୀକ୍ଷୟ। **ମୃଗଶିରାନକ୍ଷତ୍ର-** ସଂଘ ୭/୨୫ ପର୍ଯ୍ୟନ୍ତ। **ବୃଷଚନ୍ଦ୍ର-** ଦିଘଘ ୦୮/୧୫ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର, ଦିଘ ୮/୧୫ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ବିଛା ରାଶିର ଦିଘ ୮/୧୫ ଗତେ କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ପ୍ରାଘ ୭/୦୬ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮/୩୮ ଗତେ ଘ ୧୦/୩୫ ମଧ୍ୟେ, ଦିଘ ୪/୪୫ ଗତେ ଘ ୫/୩୧ ମଧ୍ୟେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଜୁଲାଇ ୨୦୨୫ ସୋମବାର





## ଚିତ୍ରୋତ୍ପଳା ନଦୀବନ୍ଧ ଦୁର୍ବଳ:ଅଞ୍ଚଳବାସୀ ଆତଙ୍କିତ

**ସାଲେପୁର, ନ୍ୟୁଜ୍ ବ୍ୟୁରୋ**

ଚିତ୍ରୋତ୍ପଳା ନଦୀର ଉଭୟ ପାର୍ଶ୍ୱର ନଦୀବନ୍ଧ ବରପଡା ତିମିଲ୍ଲାହାଣି ଠାରୁ ନରେନ୍ଦ୍ରପୁର ଉଭୟପାର୍ଶ୍ୱ ଏବଂ ଜଗନ୍ନାଥପୁର ଠାରୁ ମହମ୍ମଦପୁର ପର୍ଯ୍ୟନ୍ତ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ନଦୀରେ ବନ୍ୟାଜଳ ଆସିବାରୁ ଆତଙ୍କିତ ହୋଇପଡିଛନ୍ତି। ଉଭୟ ନଦୀ ବନ୍ଧରେ ସ୍ଥାନେ ସ୍ଥାନେ ଗର୍ତମାନ ସୃଷ୍ଟି ହୋଇଥିବା ସାଙ୍ଗକୁ ନଦୀବନ୍ଧ ପାର୍ଶ୍ୱରେ ଗଛ ଗଜାଇଥିବା ଯୋଗୁ ବନ୍ଧଗୁଡିକ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ରହିଛି। ପୂର୍ବଦିନ ମାନଙ୍କରେ ଆସିଥିବା ବନ୍ୟାରେ ଏହି ନଦୀର ନାହାଳପୁର, ପାଳଡା, ନଗସପୁର ଆଦି ସ୍ଥାନମାନଙ୍କରେ ଘାଇ ସୃଷ୍ଟି ହୋଇ ବ୍ୟାପକ ଧନଜୀବନ ହାନୀ କରିଥିଲା। ହେଲେ ପ୍ରଶାସନ ପକ୍ଷରୁ ଏହି ସ୍ଥାନମାନଙ୍କର ସଂପୂର୍ଣ୍ଣ ମରାମତି କରାଯାଇନଥିବା ସ୍ଥଳେ ବର୍ତ୍ତମାନ ଅନ୍ୟ ସ୍ଥାନମାନଙ୍କରେ ବଡ ବଡ ଗର୍ତ୍ତମାନ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଯାହାକି ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ପାଇଁ ବଡ ବିପଦ ଆଣିଦେବ ବୋଲି ନଦୀକୂଳବାସୀମାନେ ପ୍ରକାଶ କରିଛନ୍ତି। ଏହି ବନ୍ଧରେ ପ୍ରଶାସନ ପକ୍ଷରୁ ପଥର ପ୍ୟାକିଂ କରାଯିବାର କାର୍ଯ୍ୟ କରାଯାଇଥିଲେ ମଧ୍ୟ ତାହା ନାମକୁ ମାତ୍ର ବୋଲି ଦେଖିବାକୁ ମିଳିଛି। ପଥର ଗୁଡିକ ନଦୀଗର୍ଭରେ ପଡିଥିବା ସ୍ଥଳେ ବନ୍ଧ ଗୁଡିକ ବିପଦପୂର୍ଣ୍ଣ ଭାବେ ରହିଛି। ନଗସପୁର ଠାରେ ଏବେ ନିର୍ମାଣଧୀନ ସେତୁର ଦକ୍ଷିଣପଟ ବନ୍ଧରେ ବଡ ଅତଡା ଖାଇଥିବାରୁ ଆଗାମୀ ଦିନରେ ଏହା ବଡ ବିପଦକୁ ଡାକି ଆଣିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଜଳସେଚନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସାମ୍ଭାବ୍ୟ ବନ୍ୟାଜଳ ପ୍ରବାହିତ ହେତୁ ନଦୀବନ୍ଧର ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ବିହୀତ ପଦକ୍ଷେପ ନେବାକୁ ନଦୀକୂଳବାସୀ ନିବେଦନ କରିଛନ୍ତି।

## ଜାରକାରେ ଖୁବ୍‌ଶୀଘ୍ର ନିର୍ମାଣ ହେବ ଯାତ୍ରୀ ପ୍ରତୀକ୍ଷାଳୟ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା ଫ୍ଲାଇଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ଦୁଇ ଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୀର୍ଘଦିନ ଧରି ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଜୀବିତ ଅବସ୍ଥାରେ ଏହି ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ଦାବି କରିଛନ୍ତି। ଜାରକା ବସ୍‌ଷ୍ଟପ୍ ଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନଥିବାରୁ ଯାତ୍ରୀମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀମାନେ ଖରା ବର୍ଷା ଶୀତ କାକରରେ ଠିଆହୋଇ ବସ୍‌କୁ ଅପେକ୍ଷା କରି ରହୁଛନ୍ତି। ବସ୍ ଯାତ୍ରୀମାନଙ୍କ ନିମନ୍ତେ ଫ୍ଲାଇଓଭର ବ୍ରିଜ୍‌ର ଦୁଇପାର୍ଶ୍ୱରେ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟ ୨୦୨୩ ମସିହାରେ ତତ୍‌କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଠାରେ ଦାବି କରିଥିଲେ। ତଦନୁଯାୟୀ ତତ୍‌କାଳୀନ ଜିଲ୍ଲାପାଳ ଦୁଇଗୋଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବି ଲାବଣ୍ୟଙ୍କର ପରଲୋକ ହୋଇଯାଇଥିବା ବେଳେ ଇତି ମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କାର୍ଯ୍ୟ ହୋଇପାରିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ରବି ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମସୁନ୍ଦର ଦାଶ ଚଣ୍ଡିଖୋଲ ସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟ ଠାରେ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି ବର୍ମାଙ୍କୁ ସାକ୍ଷାତ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଆମେ ପ୍ରସ୍ତୁତ ହୋଇରହିଛୁ। କିନ୍ତୁ ଆବଶ୍ୟକ ଜମି ଚିହ୍ନଟ ହୋଇନଥିବାରୁ ଏହାର ନିର୍ମାଣ କାର୍ଯ୍ୟ ଅଟକି ରହିଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି ବର୍ମା ପ୍ରକାଶ କରିଥିଲେ। ତହସିଲଦାର ତୁରନ୍ତ ଜମି ଚିହ୍ନଟ କରି ଆମକୁ ଯୋଗାଇ ଦେଲେ ଖୁବ୍‌ଶୀଘ୍ର ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଆରମ୍ଭ ହେବ ବୋଲି ସେ କହିଥିଲେ। ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପିତାଙ୍କର ସ୍ୱପ୍ନ ପୂରଣ କରିବାକୁ ଉଭୟ ପୁତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଥିବା ଜଣାପଡିଛି। ଆଲୋଚନା ସମୟରେ ସାମ୍ବାଦିକ ବିନୋଦ ସାହୁ ଉପସ୍ଥିତ ଥିଲେ।

## ଗାଁରେ ଗଜରାଜର ଉତ୍ପାତ:ହାତୀ ଭୟରେ ସାରା ରାତି ଅନିଦ୍ରା ରହୁଛନ୍ତି ଲୋକେ

**ଜି.ଉଦୟଗିରି, ନ୍ୟୁଜ୍ ବ୍ୟୁରୋ**



ଦୀର୍ଘ ତିନି ମାସ ହେଲା ସ୍ଥାନୀୟ ଅଞ୍ଚଳରେ ହାତୀଙ୍କ ପାଦୁର୍ଭାବ ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ କିଛି ନା କିଛି କ୍ଷତି କରିଥିବା ଖବର ଆସୁଛି। ଦୁଇ ଦନ୍ତା ଜି.ଉଦୟଗିରି, କଳିଙ୍ଗା, ରୁଡାଙ୍ଗିଆ, ଅଡ଼ାସିହ୍ନିପିଆ(?), ଗୁଟୁଗୁଡ଼ା, ସୁଗାମାହା, ଗ୍ରସିଙ୍ଗିଆ, ରଟିଙ୍ଗିଆ, ମରଗଗୁଡ଼ା, ଏମିତିକି ଟିକାବାଲି ବ୍ଲକ, ରାଇକିଆ ବ୍ଲକ ଅଞ୍ଚଳ ବୁଲିବୁଲି ଉତ୍ପାତ ଚଳାଉଛନ୍ତି। କେତେବେଳେ ଫସଲ ନଷ୍ଟ କରୁଛନ୍ତି ତ କେତେବେଳେ ଘର ଭାଙ୍ଗୁଛନ୍ତି। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜରାଣ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକ ଆଉ ଜଙ୍ଗଲକୁ ଯିବାକୁ ଭୟ କରୁଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଉପରେ ସବୁ ସମୟରେ ହାତୀ ଭୟ। ହାତୀ ପାଇଁ ଆୟ ଉପରେ ପ୍ରଭାବ ପଡ଼ିଛି। ଚଳିତ ବର୍ଷ ହାତୀ ଭୟରେ ଜଙ୍ଗଲକୁ ଯାଇନପାରିବାରୁ ଆମ୍ବ, ପଣସ ସଂଗ୍ରହ କରିପାରିନାହାନ୍ତି। ଏଣୁ ଆମ୍ବସଢା, ଚଟଣିଆଉ, ଜୋଲି, ପଣସ ମଞ୍ଜି ଆଦାୟ କରିପାରିନାହାନ୍ତି ବେଶ୍ ପ୍ରଭାବିତ ହୋଇଛନ୍ତି ଅଞ୍ଚଳବାସୀ। ରାତିରେ ଦୁଇ ଦନ୍ତା ମହୁଲମାହା ଜଙ୍ଗଲରେ ଗର୍ଜନ କରି ଉତ୍ପାତ କରିବା ସହ ବାରବାରାରେ ଏକ ଘର ଉପରେ ଆକ୍ରମଣ କରି ଘରକୁ ସମ୍ପୂର୍ଣ୍ଣ ମାଟିରେ ମିଶେଇ ଦେଇଥିବା ବେଳେ ଘରେ ଗଛିତ ଥିବା ଧାନ ଚାଉଳକୁ ଖାଇଦେଇଥିବା ସୂଚନା ମିଳିଛି। ଉକ୍ତ ଘରଟି ପ୍ରେମାନନ୍ଦ ପ୍ରଧାନଙ୍କ ପରିବାରର ସମସ୍ତ ସଦସ୍ୟ ରାତିରେ ଘରେ ଶୋଇଥିବା ବେଳେ ହାତୀ ଆକ୍ରମଣ କରିଥିଲା। ସୌଭାଗ୍ୟ ବଶତଃ ପରିବାରର ସମସ୍ତ ସଦସ୍ୟ ହାତୀ ଆକ୍ରମଣ କରିବା ଜାଣିପାରି ସୁରକ୍ଷିତ ଭାବେ ଜଙ୍ଗଲ ଭିତରକୁ ଦୌଡ଼ି ପଳେଇଥିଲେ। ହାତୀ ପାଇଁ ଚଳିତ ବର୍ଷ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବ୍ୟାପକ କ୍ଷତି ସହିବା ସହ ଚାଷ ପ୍ରତି ବିମୁଖ ହେଲେଣି। ହାତୀକୁ ଏହି ଅଞ୍ଚଳରୁ ଘଉଡ଼ାଇବା ନିମନ୍ତେ ବନବିଭାଗ କୌଣସି ବ୍ୟବସ୍ଥା କରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହାତୀର ଗତିବିଧି ମଧ୍ୟ ଠାବ କରିପାରୁନି ବନବିଭାଗ। ଅନ୍ୟପଟେ ପର୍ଯ୍ୟାପ୍ତ ଖାଦ୍ୟ ସ୍ଥାନୀୟ ଅଞ୍ଚଳର ଜଙ୍ଗଲରେ ମହଜୁଦ ଥିବା ଯୋଗୁ ହାତୀ ଏହି ଅଞ୍ଚଳ ଛାଡ଼ି ଯିବାକୁ ନାଁ ଧରୁନି। ଆମ୍ବ, ପଣସ, ମକା, କଦଳୀ, ବାଉଁଶ ଭଳି ହାତୀର ପ୍ରିୟ ଖାଦ୍ୟ ମହଜୁଦ ରହିଛି। ଏଣୁ ସ୍ୱାଦିଷ୍ଟ ଖାଦ୍ୟ ମୋହରେ ହାତୀ ପଛି ଫେରିବା ଭୁଲି ଗଲାଣି। ହାତୀ ଭୟରେ ଲୋକ ସାରା ରାତି ଅନିଦ୍ରା ରହିବାକୁ ପଡ଼ୁଛି। ରାତିସାରା ଜଗିକି ରହୁଛନ୍ତି ଗାଁ ଲୋକ। କେତେବେଳେ କୁଆଡ଼େ ଯିବ ତାର ହିସାବ ନାହିଁ। ଏଣୁ ସାବଧାନ ହୋଇ ରହିବାକୁ ଠିକ୍ ଭାବି ଲୋକ ସଚେତନ ହୋଇ ରହୁଛନ୍ତି।

## ଅପହରଣ ପରେ ନାବାଳିକାଙ୍କୁ ଦୁଷ୍କର୍ମ:ଯୁବକ କୋର୍ଟ ଚାଲାଣ

**ଗୋପାଳପୁର, ନ୍ୟୁଜ୍ ବ୍ୟୁରୋ**

ଗୋଳନ୍ଥରା ଥାନା ଅଧିନସ୍ଥ ଏକ ଗ୍ରାମର ନାବାଳିକା ତଥା ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀକୁ ପ୍ରେମ, ଅପହରଣ ଓ ପରେ ଦୁଷ୍କର୍ମ କରିବା ମାମଲାରେ ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପି. ପିତାମ୍ବର (୧୯) ବୋଲି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଗ୍ରାମର ପିତାମ୍ବର ନାବାଳିକା ଛାତ୍ରୀକୁ ପ୍ରେମ କରି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇଥିଲେ ଗତ ମେ ମାସ ୧୨ ତାରିଖରେ ଛାତ୍ରୀଙ୍କୁ ଅପହରଣ କରିନେଇଥିଲେ। ଛାତ୍ରୀ ଜଣଙ୍କ ନିଖୋଜ ହେବା ପରିବାର ଜାଣିବା ପରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ପରିବାର ଲୋକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନା କେଶ ନଂ ୨୧୧/୨୫ ପ୍ରକାରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଓ ନାବାଳିକା ଛାତ୍ରୀ ଉଦ୍ଧାର କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନ ଚଢ଼ଉ ଜାରି ରଖିଥିଲା। ଗୁରୁବାର ସକାଳେ ଏକ ଗ୍ରାମରୁ ଚଢ଼ଉ କରି ପିତାମ୍ବରକୁ କାବୁ କରିଥିବା ବେଳେ ଛାତ୍ରୀକୁ ଉଦ୍ଧାର କରିଥିଲା। ପିତାମ୍ବରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ସ୍କୁଲ୍‌ରୁ ପ୍ଲାଷ୍ଟର ଖସିବା ଘଟଣା:ଶ୍ରେଣୀଗୃହ ସିଲ୍ ନିର୍ଦ୍ଦେଶ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡା ଶିକ୍ଷା ସର୍କଲ୍ ଅର୍ନ୍ତଗତ ପୁରୁଷଣ୍ଡ ସରକାରୀ ନୋଡଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ନାନା ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ବେଳେ ଶ୍ରେଣୀଗୃହ ଛାତରୁ ପାଣି ଗଳିବା ଓ ପ୍ଲାଷ୍ଟର ଖସିବା ନେଇ ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଥିଲା। ଏହି ଘଟଣାରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ୍ ରାଉତରାୟ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ନିର୍ଦ୍ଦେଶମତେ ବନ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି, ବୈଷୟିକ ପରାମର୍ଶଦାତା ଜଗନ୍ନାଥ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ୍ଟ ବିଦ୍ୟାଳୟକୁ ଆସି ବାସ୍ତବ ଚିତ୍ର ପରଖିଥିଲେ। ଶ୍ରେଣୀ ଗୃହ ଛାତରୁ ପାଣିଗଳିବା, ପ୍ଲାଷ୍ଟର ଖସିବା, ମୁଖ୍ୟ ଫାଟକ ସମ୍ମୁଖରେ ପାଣି ଜମି ରହିବା ନେଇ ଦେଖିବାକୁ ପାଇଥିଲେ। ପ୍ଲାଷ୍ଟର ଖସୁଥିବା ବିପଦ ପୂର୍ଣ୍ଣ ଶ୍ରେଣୀ ଗୃହରେ ପିଲାମାନଙ୍କୁ ନବସାଇବା ନେଇ ପରାମର୍ଶ ଦିଆ ଯାଇଥିବା ବେଳେ ନାଲିଫିତା ଦ୍ୱାରା ସିଲ୍ କରାଯିବ। ଏଥିସହ ତୁରନ୍ତ ନୂତନ ଛାତ ନିର୍ମାଣ ହେବ ବୋଲି ଉପସ୍ଥିତ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ କମିଟିର କର୍ମକର୍ତ୍ତା ମାନଙ୍କୁ ଅଧିକାରୀମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବୀରକିଶୋର ନାୟକ, ସ୍ଥାନୀୟ ସମିତିସଭ୍ୟା ଶୁଶିଳା ଜେନା, ଯୁବନେତା ନିର୍ମଳ ମହାକୁଡ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭ୍ୟ ସଭ୍ୟା ମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ ୧୯୫୫ ମସିହାରେ ସ୍ଥାପିତ ଏହି ପୁରାତନ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୧୩୯ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏବେ ଏହି ପୁରାତନ ବିଦ୍ୟାଳୟ ଛାତରୁ ପାଣି ଗଳୁଥିବାବେଳେ ପ୍ଲାଷ୍ଟର ଖଣ୍ଡମାନ ଖସୁଥିବା ନେଇ ଅଭିଭାବକ ମାନେ ଚିନ୍ତା ପ୍ରକଟ କରିଛନ୍ତି।

## କଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରୀ ଚଢଉ ହୋଇଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ଚଢଉ କରିଛି। ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ୍ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୨ ହଜାର ୨ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶୋରି ହିରଣ ସୂଚନା ଦେଇଛନ୍ତି।

## ପାଗଳ କୁକୁର କାମୁଡ଼ାରେ ୨୦ରୁ ଉର୍ଦ୍ଧ୍ୱ ଆହତ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବେଲଗୁଣ୍ଠା ଓ ଏହାର ପାଖଆଖ ଅଞ୍ଚଳରେ ଗତ ଦୁଇ ଦିନ ମଧ୍ୟରେ ଏକ ପାଗଳ କୁକୁର କାମୁଡାରେ ୨୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ବେଲଗୁଣ୍ଠା ଡାକ୍ତରଖାନା ଓ ଅନ୍ୟ ଡାକ୍ତରଖାନାରେ ସେମାନଙ୍କୁ ଚିକିତ୍ସା କରାଯାଉଛି। ଏହି ପାଗଳ କୁକୁର ପାଇଁ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ବାଲିପାଟଣା ଅଞ୍ଚଳରେ ବାର୍ଡ ଫ୍ଲୁ!

## ପଞ୍ଚାଲୋ ଓ ମାର୍ଥାପୁର ପଞ୍ଚାୟତରେ କୁକୁଡ଼ା ମଡ଼କ

**ବାଲିପାଟଣା, ନ୍ୟୁଜ୍ ବ୍ୟୁରୋ**



ବାଲିପାଟଣା ଓ ବାଲିଅନ୍ତା ଅଞ୍ଚଳରେ କୁକୁଡ଼ା ମଡ଼କ ଚାଷୀଙ୍କୁ ଚିନ୍ତାରେ ପକାଇଛି। କିଛିଦିନ ହେଲା ଉଭୟ ବ୍ଲକ୍‌ର ବହୁ ଫାର୍ମରେ ହଜାର ହଜାର କୁକୁଡ଼ା ମରିଯାଉଥିବା ଅଭିଯୋଗ ହୋଇଛି। ମଲା କୁକୁଡ଼ାଙ୍କୁ ଗାତ ଖୋଳି ପୋତିଦିଆଯାଇଛି। ହେଲେ କୁକୁଡ଼ା ମଡ଼କର ପ୍ରକୃତ କାରଣ ଜଣାପଡୁନାହିଁ। ପଡ଼ୋଶୀ ପୁରୀ ଜିଲ୍ଲାରେ ବାର୍ଡ ଫ୍ଲୁରେ ଅନେକ କୁକୁଡ଼ା ମରିଥିବାରୁ ବାଲିପାଟଣାକୁ ଏହା ବ୍ୟାପିଥିବା ସନ୍ଦେହ କରାଯାଉଛି। ତେଣୁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଛି। ସୂଚନା ଅନୁସାରେ ବାଲିପାଟଣା ବ୍ଲକ୍ ପଞ୍ଚାଲୋ ପଞ୍ଚାୟତ ଡେଙ୍ଗ ଗ୍ରାମର ରବୀନ୍ଦ୍ର କୁମାର ଦାସଙ୍କ ଫାର୍ମରେ ଗତ ମେ' ମାସ ୨୬ ତାରିଖରେ ୩୭୪୦ କୁକୁଡ଼ା ଚିଆଁ ଛାଡ଼ିଥିଲେ। ସେଥିରୁ ପ୍ରାୟ ୨୦୦ କୁକୁଡ଼ା ପର୍ଯ୍ୟାୟ କ୍ରମେ ମରିଯାଇଛନ୍ତି। ବଳକା କୁକୁଡ଼ାଗୁଡ଼ିକ ୨ କେଜିରୁ ଉର୍ଦ୍ଧ୍ୱ ଓଜନର ହୋଇଯାଇଥିଲେ। କିନ୍ତୁ କିଛି ଦିନ ହେଲା କ୍ରମାଗତ ଭାବେ ସମସ୍ତ କୁକୁଡ଼ା ଫାର୍ମ ଭିତରେ ମରି ଯାଇଛନ୍ତି। ସେଗୁଡ଼ିକୁ ସେ ଗାତ ଖୋଳି ପୋତି ଦେଇଛନ୍ତି। ବହୁ ଟଙ୍କା ଖର୍ଚ୍ଚ କରି ଲାଭ ଆଶା ବେଳକୁ ରବିଙ୍କ ମୁଣ୍ଡରେ ଚଡ଼କ ପଡିଛି। ସେହିପରି ମାର୍ଥାପୁର ପଞ୍ଚାୟତର ଏକାଧିକ ଫାର୍ମରେ କୁକୁଡ଼ା ମଡ଼କ ହୋଇଥିବା ଜଣାପଡ଼ିଛି। ଗରମ କାରଣରୁ କୁକୁଡ଼ା ମରିଯାଉଥିବା ଚାଷୀ ଅନୁମାନ କରୁଛନ୍ତି। ବାଲିପାଟଣା ପ୍ରାଣୀ ଚିକିତ୍ସା ଅଧିକାରୀ ଦୁର୍ମନ ବେହେରାଙ୍କ ସୂଚନା ଅନୁସାରେ କୁକୁଡ଼ା ମଡ଼କ ଜାଣିବା ପରେ କର୍ମଚାରୀ ପଠାଇ ଫାର୍ମ ଅନୁଧ୍ୟାନ କରିବା ସହ କୁକୁଡ଼ାଙ୍କୁ ତୁରନ୍ତ ବିକ୍ରି ପାଇଁ ପରାମର୍ଶ ଦିଆଯାଇଛି। ବାଲିପାଟଣା ବ୍ଲକ୍‌ରେ ୨୫୦ କୁକୁଡ଼ା ଫାର୍ମ ରହିଛି। ସେଥିରୁ ଅଧିକାଂଶ ଫାର୍ମ ଏବେ ଖାଲି ପଡ଼ିଛି। ଅବଶିଷ୍ଟ ଫାର୍ମ ଉପରେ ବିଭାଗ ଦୃଷ୍ଟି ରଖିଛି। ମଲା କୁକୁଡ଼ାଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି।

## ନିମ୍ନମାନର ସାର ଓ କୀଟନାଶକ ଔଷଧ ବିକ୍ରି ଅଭିଯୋଗ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ବହୁତ ଦିନ ଧରି ନିମ୍ନମାନର ସାର ଓ କୀଟନାଶକ ଔଷଧ ବିକ୍ରିର ଅଭିଯୋଗ ପରେ ଗୁରୁବାର ସନ୍ଧ୍ୟାରେ କୃଷି ବିଭାଗ ଓ ଚାନ୍ଦବାଲି ତହସିଲଦାରଙ୍କ ମିଳିତ ଟିମ୍ ଚାନ୍ଦବାଲିରେ ତିନିଟି ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣରେ ସାର ଓ କୀଟନାଶକ ଔଷଧ ଜବତ କରିଛନ୍ତି। ସୂଚନା ଅନୁଯାୟୀ ଡିଲର ମନୋରଞ୍ଜନ ମିହାନ୍ତିଙ୍କର ୩ଟି ଷ୍ଟକ୍ ପଏଣ୍ଟରେ (ପିଓଏସ୍) ମେସିନ୍‌ରେ ଯାହା ଷ୍ଟକ୍ ରହିବା କଥା ତାଠାରୁ ଅଧିକ ପରିମାଣରେ ସାର ଓ କିଟନାଷକ ଔଷଧ ଗଛିତ ଥିଲା। ଏଥିନେଇ ବିଭାଗ ପକ୍ଷରୁ ସାର ଓ କିଟନାଷକ ଔଷଧର ନମୁନା ସଂଗ୍ରହ କରି ଲାବୋରେଟେରରୀକୁ ପଠାଯାଇଛି। ଅନ୍ୟପଟେ ଯେଉଁସବୁ ଷ୍ଟକ୍ ପଏଣ୍ଟରେ ସାର ଓ କିଟନାଷକ ଔଷଧ ଗଛିତ ରହିଥିଲା ସେହି ଷ୍ଟକ୍ ପଏଣ୍ଟର ଡିଲର ନାମରେ ଏଗ୍ରିମେଣ୍ଟ ହୋଇନଥିବାରୁ ସାରର କଳାବଜାରରେ ପ୍ରଷ୍ଟ ପ୍ରମାଣ ମିଳିଛି। ଷ୍ଟକ୍ ଠାରୁ ଅଧିକ ପରିମାଣରେ ମଧ୍ୟ ରଖାଯାଇଥିବା ଯାହା ସରକାରୀ ସ୍ତରରେ ସୂଚନା ଦେଇଛନ୍ତି ଅଧିକାରୀ। ତେବେ ନମୁନା ସଂଗ୍ରହର ରିପୋର୍ଟ ଆସିବାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚାନ୍ଦବାଲି କୃଷି ବିଭାଗର ସହ ଅଧିକାରିଣୀ ଆସ୍କିନ ଦାସ ଓ ତହସିଲଦାର ଭବତୋଷ ମଲ୍ଲିକ ପ୍ରକାଶ କରିଛନ୍ତି। ଅନ୍ୟପଟେ ଯେଉଁ ଡିଲରମାନେ ଏମିତି ନିମ୍ନମାନର ସାର ବିକ୍ରି କରି ଚାଷୀଙ୍କୁ ଠକୁଛି ତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ପାରିଷଦ ଚନ୍ଦନ ରାଉତ ଦାବି କରିଛନ୍ତି।

## ସୁନ୍ଦରଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ, ଦରମା ସରକାର ଅନେକ ଦେଉଛନ୍ତି ସୁବିଧା ସୁଯୋଗ ମଧ୍ୟ ଅନେକ, ଅନେକ ପିଲା ଯେଉଁମାନେ ବହୁ ଡିଗ୍ରୀ ଧାରୀ ସେମାନେ ମଧ୍ୟ ଏହି ଚାକିରୀକୁ ଆଶା କରୁଛନ୍ତି, ହେଲେ ଦୁର୍ଭାଗ୍ୟର ବିଷୟ ଯେ, ଜିଲ୍ଲାରେ ଥିବା ବିଆର୍‌ସିସି ସିଆର୍‌ସିସି ଓ ବିଇଓ ମାନେ ବିଦ୍ୟାଳୟଗୁଡିକୁ ନିୟମିତ ପରିଦର୍ଶନ କରୁନଥିବାରୁ ବର୍ତମାନ ଗ୍ରାମାଞ୍ଚଳ ବିଦ୍ୟାଳୟରେ ଥିବା କିଛି ଶିକ୍ଷକ ସକାଳୁ ଦୁଇ ପେଗ୍ ମାରିଦେଇ ବିଦ୍ୟାଳୟକୁ ଯାଉଥିବାର ଖବର ମିଳିଛି। ଯାହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଓ ଏଭଳି ସ୍ଥିତି ଜିଲ୍ଲାର ଗ୍ରାମାଞ୍ଚଳରେ ଅଧିକ ଚାଲିଥିବା ନେଇ ଭୟଙ୍କର ଖବରମାନ ଆସିଛି। ନିକଟରେ କୁଆଁରମୁଣ୍ଡା ଅଞ୍ଚଳର ଜଣେ ଶିକ୍ଷକ ତଥା ହେଡମାଷ୍ଟର ଇନ୍‌ଚାର୍ଜ ସୁରେନ୍ଦ୍ର ରାଉତ ଲାଠିକଟା ବିଇଓଙ୍କ ସହ ମିଶି ଢାବା ଗୁଡିକରେ ନିଶାନେଇ ବୁଲୁଥିବା ଓ ସ୍କୁଲ୍‌କୁ ଯାଉନଥିବା ଖବର ଗଣମାଧ୍ୟମରେ ପ୍ରଚାରିତ ହେବାପରେ ସୁନ୍ଦରଗଡ ଡିଇଓଙ୍କ ଅଫିସ ତାଙ୍କ ବିଦ୍ୟାଳୟ ପରିଦର୍ଶନ କରି ତାଙ୍କୁ ନପାଇ ତାଙ୍କୁ ନିଲମ୍ବିତ କରିଛନ୍ତି। ତେବେ ଏହି ଖବର ପ୍ରଚାରିତ ହେବା ପରେ ଲାଠିକଟା ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ମଧ୍ୟ ଏହିଭଳି ବୋଲି ଖବର ଆସିଛି। ଖବରରୁ ପ୍ରକାଶ ଯେ, କିଛି ଶିକ୍ଷକ ସକାଳୁ ବିଦ୍ୟାଳୟକୁ ଯିବା ଆଗରୁ ନିଶା ନେଇ ଯାଉଛନ୍ତି, ସେଠାରେ ମଧ୍ୟାନ୍ନ ଭୋଜନ ସାଙ୍ଗରେ ଆମିଷ ବ୍ୟବସ୍ଥା କରି ଖାଇ ପି ଶୋଉଛନ୍ତି। ପିଲାଙ୍କୁ ପଦ ସେବା ମଧ୍ୟ କରାଉଛନ୍ତି। ଅବଶ୍ୟ ପଲଙ୍କ ସେବା ଲାଗି ଆଉ ବେଶି ଦିନ ନାହିଁ ବୋଲି କୁହାଯାଉଛି। ଲାଠିକଟା ବ୍ଲକରେ ଏହିଭଳି ଶିକ୍ଷକଙ୍କ ସଂଖ୍ୟା ଅନେକ ବୋଲି ଖବର ମିଳିଛି। ଏମାନେ ଏଭଳି ସାହସ କରିବା ପଛର କାରଣ ହେଲା ଏଠାରେ ଥିବା ବିଇଓ ବାବୁ କୁଆଡେ ସକାଳୁ ଢାବାରୁ ମେଡିସିନ୍ ନେଇ ଅଫିସ ଆସନ୍ତି। ବିଦ୍ୟାଳୟ ଗୁଡିକରେ କଣ ହେଲା ତାହା ବୁଝିବା ଦୂରରେ ଥାଉ, ନିଜ ଅଫିସ କଥା ମଧ୍ୟ ଠିକ୍ ଭାବେ ବୁଝନ୍ତି ନାହିଁ। କିରାଣୀମାନେ ଯାହା କଲେ ସେଥିରେ ଦସ୍ତଖତ କରିଦେଇ ଘରକୁ ଚାଲିଯାଆନ୍ତି। ତେଣୁ ଯାଙ୍କୁ କୌଣସି ଶିକ୍ଷକ ମଧ୍ୟ ଅଫିସରେ ପାଆନ୍ତିନାହିଁ। ଏବାବୁ କୁଆଡେ ଜିଲ୍ଲାର ଜଣେ ବିରୋଧୀ ଦଳ ବିଧାୟକଙ୍କ ସଂପର୍କୀୟ ତେଣୁ ଯାଙ୍କୁ ଚାରି ଦିଗରୁ ମାଫ କରିଚାଲିଛି ଜିଲ୍ଲା ଶିକ୍ଷା ବିଭାଗ ଓ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ। ଯାଙ୍କ ବିରୋଧରେ ଖବର ମଧ୍ୟ ଅନେକ ମିଡିଆରେ ଆସିଛି ତଥାପି ସବୁ ନିରବ। ତେଣୁ ଯେଉଁଠି ଶିକ୍ଷା ବିଭାଗ ବ୍ଲକ କାର୍ଯ୍ୟାଳୟର ମୁଖିଆ ସକାଳୁ ଏହି ଅବସ୍ଥାରେ ତେଣୁ ଶିକ୍ଷକମାନେ ମଧ୍ୟ ତାକୁ ଆପଣେଇ ନେଇଛନ୍ତି। ଶିକ୍ଷକଙ୍କୁ ପଚାରିଲେ ସେମାନେ କହୁଛନ୍ତି ବାବୁ ତ ମାଲ ପିଇ ଫିଟ୍ ଆମେ ଫିଟ୍ ରହିଲେ ସେ ଜାଣିବେ କେମିତି ? ତେଣୁ ଏହାର ସୁଯୋଗ ନେଇ ବିଆର୍‌ସିସି ଓ ସିଆର୍‌ସିସି ମାନେ ମଧ୍ୟ ତାଙ୍କ ରାସ୍ତାରେ, ସେମାନେ ମଧ୍ୟ ବିଦ୍ୟାଳୟ ଓ ଅଫିସକୁ ନଯାଇ ଦରମା ପାଇ ପୁରା ମସ୍‌ଗୁଲ୍। ଖାଲି ସେତିକି ନୁହେଁ ଏହିସବୁ ଅଞ୍ଚଳରେ ଥିବା କିଛି ବିଦ୍ୟାଳୟ ବର୍ତମାନ ରାତିରେ ମଦୁଆଙ୍କ ଆଡ୍ଡା ସ୍ଥଳି ହୋଇଛି। ସେମାନଙ୍କ ଭିତରେ ମଧ୍ୟ ଶିକ୍ଷକମାନେ ରହୁଥିବା ଖବର ମିଳିଛି। ଜିଲ୍ଲାରେ ଏଭଳି ସ୍ଥିତି ଲାଗି ରହିଥିବାରୁ ଏଥର ରେଜଲ୍ଟ ଅତି ନିମ୍ନମାନର ହୋଇଛି। ଲାଠିକଟା ବ୍ଲକ ଜିଲ୍ଲାର ସବୁଠାରୁ ବଡ ବ୍ଲକ। ଏହି ଅଞ୍ଚଳରେ ଆଦିବାସୀ ନିରୀହ ଲୋକେ ବସବାସ କରନ୍ତି, ତେଣୁ ବାବୁମାନେ ପିଲାଙ୍କ ବାପ ମା'ଙ୍କୁ ପିଲାର ଭବିଷ୍ୟତ ଉଜ୍ୱଳ କହି ତାଙ୍କ ଠାରୁ ଦେଶୀ କୁକୁଡା ଖାଇ ସରକାରୀ ଦରମା ନେଇ ମାଲ୍ ପିଇ ରାଜକୀୟ ଜୀବନଯାପନ କରିଚାଲିଛନ୍ତି। ବିଇଓ ବାବୁ ମଧ୍ୟ ନିଜ ରାଇଜରେ ମସଗୁଲ। କାରଣ ବିରୋଧୀ ଦଳ ବିଧାୟକ ତାଙ୍କ ଲୋକ, ଡିଇଓ ଅଫିସ ମଧ୍ୟ ଦୂରରେ ତେଣୁ କେହିକିଛି କହିବାର ନାହିଁ କି ଦେଖିବାର ନାହିଁ, ତେଣୁ ମନଇଛା ଚାଲିଛି ଶିକ୍ଷାଦାନ ବ୍ୟବସ୍ଥା। ଏ ଅବସ୍ଥା ଜିଲ୍ଲାରେ ଗ୍ରାମାଞ୍ଚଳର ଅଧିକ ବୋଲି କିଛି ଶିକ୍ଷକ ନେତା ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବା ସହ ଏଭଳି ଶିକ୍ଷକମାନଙ୍କୁ ତୁରନ୍ତ ଧରି ସେମାନଙ୍କୁ ଚାକିରୀରୁ ବହିଷ୍କାର କରି ନୂତନ ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦେଇ ଏକ ନୂଆ ସଂସ୍କାର ଆଣିବାକୁ ଦାବି ହେଉଛି।

## ଧର୍ମଶାଳାରେ ସ୍ୱଳ୍ପ ବୃଷ୍ଟିପାତ:ଧାନ ଚାଷ ପ୍ରଭାବିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକରେ ଜିଲ୍ଲାର ଅନ୍ୟ ବ୍ଲକ ତୁଳନାରେ ଚଳିତ ଜୁଲାଇ ମାସରେ ଅଦ୍ୟାବଧି କମ୍ ବୃଷ୍ଟିପାତ ହୋଇଛି। ଚଳିତ ଜୁଲାଇ ମାସ ୧୬ ତାରିଖ ପର୍ଯ୍ୟନ୍ତ ଧର୍ମଶାଳା ବ୍ଲକରେ ମାତ୍ର ୫୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସୁକିନ୍ଦା ବ୍ଲକରେ ସର୍ବାଧିକ ୨୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା କମ୍ ହେବା ଫଳରେ ଧାନ ଚାଷ ବାଧାପ୍ରାପ୍ତ ହୋଇଛି। ଅଧିକ ପରିମାଣରେ ବର୍ଷା ହେଲେ ଚାଷୀ ବିଲରେ କାଦୁଅ କରି ତଳି ରୋଇବା କାର୍ଯ୍ୟ ଆରମ୍ଭ କରିଥାନ୍ତି। ହେଲେ ଏଠାରେ ଆବଶ୍ୟକ ଠାରୁ କମ୍ ବୃଷ୍ଟିପାତ ହେବା ଫଳରେ ଚାଷ କାମ ବାଧାପ୍ରାପ୍ତ ହୋଇଛି। ଚଳିତଥର ମୌସୁମୀ ଶୀଘ୍ର ଆସିବା ସହିତ ଜୁନ୍ ମାସରୁ ଚାରିଆଡେ ବର୍ଷା ଆରମ୍ଭ ହୋଇଯାଇଥିଲା। ଫଳରେ ଚାଷୀ ନିଜ କ୍ଷେତରେ ଆବଶ୍ୟକ ତଳି ପକାଇ ରୋଇବା ପାଇଁ ବିଲ ପ୍ରସ୍ତୁତ କରିଥିବା ବେଳେ ବର୍ଷା କମ ହେବାରୁ ତଳି ରୁଆ ସମ୍ଭବପର ହେଉନାହିଁ। ଚଳିତଥର ଧର୍ମଶାଳା ବ୍ଲକ ଅଞ୍ଚଳରେ ୧୧ ହଜାର ୭୨୦ ହେକ୍ଟର ଜମିରେ ଧାନ ଚାଷ କରିବା ପାଇଁ ସରକାରୀ ଭାବେ ଲକ୍ଷ୍ୟ ରଖାଯାଇଛି। ତେବେ ଆବଶ୍ୟକ ବର୍ଷା ହେଲେ ଚଳିତଥର ଶତ ପ୍ରତିଶତ ଜମିରେ ଧାନ ଚାଷ କରାଯାଇ ପାରିବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପଟେ କେନାଲ ମାଧ୍ୟମରେ ଜଳ ସେଚନର ସୁବିଧା ଥିବା ଜମି ଗୁଡିକ ପାଇଁ ପାଣି ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲେ ହେଁ କେନାଲ ସଫେଇ କାର୍ଯ୍ୟ ବିଳମ୍ବ ହେଉଥିବାରୁ କେନାଲ ଗୁଡିକରେ ପାଣି ଆସିବା ବିଳମ୍ବ ହେଉଛି। ଯାହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଯଥାଶୀଘ୍ର କେନାଲ ସଫେଇ କାର୍ଯ୍ୟ ସାରି ବିଲକୁ ପାଣି ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଖାଲଖମାରେ ଭର୍ତ୍ତି ତେଲକୋଇ ଜଗମୋହନପୁର ମୁଖ୍ୟ ରାସ୍ତା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ମୁଖ୍ୟାଳୟକୁ ଜଗମୋହନପୁର ଦେଇ ଯାଇଥିବା ରାସ୍ତା ଏକ ମୁଖ୍ୟ ରାସ୍ତା ଭାବେ ଜଣାଯାଏ। କିନ୍ତୁ ଏହି ରାସ୍ତା ଏବେ ପୂର୍ତ୍ତ ବିଭାଗ ଦ୍ୱାରା ଅବରୋଧ ଯୋଗୁ ସ୍ଥାନୀୟ ବାସିନ୍ଦାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ ପ୍ରବଳ ବର୍ଷା ଯୋଗୁଁ ଏହି ରାସ୍ତାଟି ବଡ ବଡ ଖାଲ ଢିପରେ ଭର୍ତି ହୋଇଯାଇଛି। ଏଥିପାଇଁ ପୂର୍ତ୍ତ ବିଭାଗ ବଡ ଯାନ ଚଳାଚଳ ନିଷେଧ ଘୋଷଣା କରି ବୋର୍ଡ ମାରି ରାସ୍ତା ଅବରୋଧ କରିଛି। ଦୀର୍ଘ ଏକ ମାସ ହେବ ଏହି ରାସ୍ତା ଅବରୋଧ ଯୋଗୁ ସ୍ଥାନୀୟ ବାସିନ୍ଦାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ନିଦାବିଷ୍ଟ ହେଇ ରହିଯାଇଥିବା ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି।

## ବ୍ୟାଟେରି ଦୋକାନରୁ ଚୋରି ମାମଲା:ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସହରର ଏମ.ଜି. ରୋଡସ୍ଥିତ ସାଇବାବା ମନ୍ଦିର ପାଖରେ ଥିବା ଏକ ବ୍ୟାଟେରି ଦୋକାନରୁ ୪ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗରେ ଟାଉନ୍ ପୋଲିସ ଏହି ଚୋରିର ମୁଖ୍ୟ ଅଭିଯୁକ୍ତ ତଥା ଦୁର୍ଦ୍ଧାନ୍ତ ଅପରାଧୀ ସ୍ଥାନୀୟ ଛୋଟାଗୁଡାର ଗୁପ୍ତ ଦାସ (୩୫)କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ନିକଟରୁ ଚୋରି ହୋଇଥିବା ୨୫ ହଜାର ଏବଂ ଏକ ମୋବାଇଲ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତ ତଥା ଦୁର୍ଦ୍ଧାନ୍ତ ଅପରାଧୀ ଗୁପ୍ତ ଦାସଙ୍କ ନାମରେ ଚୋରି ଓ ଡକାୟତି ଭଳି ବିଭିନ୍ନ ଥାନାରେ ୩୦ରୁ ଉର୍ଦ୍ଧ୍ୱ ମାମଲା ରହିଛି ବୋଲି ତଦନ୍ତକାରୀ ଅଧିକାରୀ ଏସ.ଆଇ. ସିଦ୍ଧାନ୍ତ ବେହେରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁନ ୨୯ ତାରିଖରେ ଏମ.ଜି. ରୋଡ ବ୍ୟାଟେରି ଦୋକାନ କାନ୍ଥ କଣା କରିବା ସହ ଦୋକାନ ଭିତରୁ ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ମାଲିକ ବଂଶୀ ତୟାଲ ଟାଉନ୍ ଥାନାରେ କୌଣସି ଅଜଣା ଦୁର୍ବୃତ୍ତ ମାନେ ଟଙ୍କା କାଉଣ୍ଟର ଭାଙ୍ଗି ନଗଦ ୪ ଲକ୍ଷ, କମ୍ପାନୀର ଉପହାର ପ୍ରଦାନ ନେଇ କିଛି ରୁପା କଏନ ଓ ସୁନା ଅଳଙ୍କାର ଲୁଟି ନେଇଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବିଭିନ୍ନ ସ୍ଥାନରେ ଚଢଉ ସହ ସିସି କ୍ୟାମେରା ଯାଞ୍ଚ କରାଯାଇ ଏଥିରେ ସମୁଦାୟ ୫ ଜଣ ସ୍ଥାନୀୟ ଅପରାଧୀ ସାମିଲ ରହିଥିବା ନେଇ ସ୍ପଷ୍ଟ ହୋଇଥିଲେ। ଗତ ୧୧ ତାରିଖରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୭୦ ହଜାର ଟଙ୍କା ଜବତ କରାଯାଇଥିଲା। କିନ୍ତୁ, ମୁଖ୍ୟ ଅଭିଯୁକ୍ତ ଫେରାର୍ ରହିଥିଲେ ଏବଂ ସୁନା ଓ ରୂପା ସାମଗ୍ରୀ ତାଙ୍କ ନିକଟରେ ରହିଥିବା ନେଇ ଜଣାପଡିଥିଲା। କିନ୍ତୁ ଅଭିଯୁକ୍ତକୁ ଗିରଫ କରାଯାଇଥିଲେ ସୁଦ୍ଧା ମୁଖ୍ୟ ଅଭିଯୁକ୍ତ ଅସୁସ୍ଥ ରହିଥିବା ଆଳ ଦେଖାଇଥିଲେ, ତେଣୁ ପୁଲିସ ପଚରା ଉଚରାରେ ସମସ୍ୟା ସୃଷ୍ଟି ହୋଇଥିଲା ଏବଂ କୋର୍ଟଚାଲାଣ କରାଯାଇଛି।

## ପୂଜ୍ୟପୂଜା ସେବା ସଂଗଠନ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଶରୀର ଦାନ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ପୂଜ୍ୟପୂଜା ସେବା ସଂଗଠନର ସଭାପତି ତଥା ବଲାଙ୍ଗିର ବ୍ଲକ ଗର୍ଜନ ଗ୍ରାମର ମୂଳ ବାସିନ୍ଦା ଏବଂ ଏବେ ଶାନ୍ତିପଡାରେ ବସବାସ କରୁଥିବା କେଶବ ଚନ୍ଦ୍ର ମିଶ୍ର ଭୀମଭୋଇ ଭେଷଜ ମହାବିଦ୍ୟାଳୟରେ ନିଜର ଶରୀର ଦାନ ସଂପର୍କିତ କାଗଜପତ୍ର ଦାଖଲ କରି ଶରୀର ଦାନ ପାଇଁ ସ୍ୱୀକୃତି ପ୍ରଦାନ କରିଅଛନ୍ତି। ଶ୍ରୀ ମିଶ୍ର ଆବର୍ତମାନରେ ତାଙ୍କର ମର ଶରୀରକୁ ମହାବିଦ୍ୟାଳୟର ଛାତ୍ରମାନେ ଶିକ୍ଷା ଓ ଗବେଷଣାରେ ବିନିଯୋଗ ହେବ ବୋଲି ତାଙ୍କର ଇଚ୍ଛାପତ୍ରରେ ଘୋଷଣା କରିଛନ୍ତି। ଶ୍ରୀ ମିଶ୍ର ପୂଣ୍ୟଶ୍ଳୋକ ବିଶିଷ୍ଟ ସମାଜସେବୀ, ପିତା ସୋମନାଥ ମିଶ୍ର ଓ ମାତା କ୍ଷୀର ମିଶ୍ରଙ୍କ ସୁପୁତ୍ର ଅଟନ୍ତି। ଶ୍ରୀ ମିଶ୍ର ଉଦ୍ୟାନ କୃଷି ଅଧିକାରୀ ଭାବେ ଅବସର ପରେ ଶିଶୁ ବିକାଶ କେନ୍ଦ୍ର, ପୂଜ୍ୟପୂଜା ସେବା ସଂଗଠନ, ଅଦ୍ୟାଶକ୍ତି ନାରୀ ସଂଗଠନ, ଅଙ୍କୁର ଶିଶୁ ସାହିତ୍ୟ ସଂସଦ, ସଂସ୍କୃତ ପରିଷଦ ତଥା ଅନେକ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହିତ ଜଡିତ ରହି କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି ସାଧୁ ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିବ ବୋଲି ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନ ମୋହନ ରଥ ମତବ୍ୟକ୍ତ କରିଛନ୍ତି।

## ଅବହେଳିତ ଅବସ୍ଥାରେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**




ଗଞ୍ଜାମ ସହର ବଡ଼ ବଜାର ଠାରେ ବହୁ ପୁରାତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହେତୁ ଦୈନନ୍ଦିନ ଶହ ଶହ ରୋଗୀ ପ୍ରାଥମିକ ଚିକିତ୍ସା ପାଇଁ ଆସିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗଞ୍ଜାମ ବ୍ଲକ ୧୫ ପଞ୍ଚାୟତ ମଧ୍ୟରୁ ପ୍ରାୟ ଦଶଟି ପଞ୍ଚାୟତର ବିଭିନ୍ନ ଗ୍ରାମ ଗଞ୍ଜାମ ଏନ୍‌ଏସିର ୧୨ଟି ୱାର୍ଡର ପାଖାପାଖି ଦଶ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ସମେତ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର କିଛି ପଞ୍ଚାୟତ ନିର୍ଭରେ କରନ୍ତି। ଦୀର୍ଘବର୍ଷ ହେବ ଏହି ମେଡିକାଲ୍‌ରେ ସ୍ଥାୟୀ ଆମ୍ବୁଲାନ୍ସ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ନା ରହୁଛି ସ୍ଥାୟୀ ଆମ୍ବୁଲାନ୍ସ ନା ରହୁଛି ଚିକିତ୍ସା ପାଇଁ ଉପକରଣ। ଦୈନିକ ଏଠି ଆକ୍ସିଡେଣ୍ଟ ହେଇ ଆସିଥିବା ଲୋକେ ନାହିଁନଥିବା ହଇରାଣର ସମୁଖୀନ ହେଇଥାନ୍ତି। ଏଣୁ ଆଗାମୀ ଦିନରେ ଯଦି ଏହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୂପେ ଘୋଷଣା ନକରାଯାଏ ତେବେ ଗଞ୍ଜାମ ବାସୀ ରାଜରାସ୍ତାକୁ ଓହ୍ଲେଇବା ପାଇଁ ପଛେଇବେନି ବୋଲି ମତ ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉପରୋକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପ୍ରଶାସନ ସ୍ତରରେ ଆଲୋଚନା କରି ପଦକ୍ଷେପ ନେବା ଲାଗି ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ବିସିସିଆଇ ନିରାଶ : ଇଂଲଣ୍ଡକୁ ମିଳିଲା ତିନୋଟି ଡବ୍ଲ୍ୟୁଟିସି ଫାଇନାଲ୍ ଆୟୋଜନର ଅଧିକାର

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଶନିବାର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍‌ର ପରବର୍ତ୍ତୀ ତିନି ସଂସ୍କରଣ ଆୟୋଜନ ଅଧିକାର ଇଂଲଣ୍ଡକୁ ପ୍ରଦାନ କରିଛି। ଆଇସିସି ରବିବାର ସଂପନ୍ନ ନିଜର ବାର୍ଷିକ ସମ୍ମିଳନୀରେ ଏହି ନିଷ୍ପତ୍ତି ନେଇଛି। ଦୁଇ ବର୍ଷର ଚକ୍ର ପୂରା ହେବା ପରେ ୨୦୨୭, ୨୦୨୯ ଓ ୨୦୩୧ରେ ହେବାକୁ ଥିବା ଡବ୍ଲ୍ୟୁଟିସି ଫାଇନାଲ୍ ସମ୍ଭବତଃ ଜୁନ ମାସରେ ଆୟୋଜିତ ହେବ। କିଛି ସମୟ ପୂର୍ବରୁ ବିସିସିଆଇ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍ ମ୍ୟାଚ୍ ଆୟୋଜନ ନେଇ ବିସିସିଆଇ ଇଚ୍ଛା ପ୍ରକାଶ କରିଥିଲା। ମାତ୍ର ଆଇସିସିର ଏହି ନୂଆ ଘୋଷଣା ପରେ ବିସିସିଆଇକୁ ୨୦୩୧ ପର୍ଯ୍ୟନ୍ତ ଡବ୍ଲ୍ୟୁଟିସି ଫାଇନାଲ୍ ମ୍ୟାଚ୍ ଆୟୋଜନର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା। ଏହା ପୂର୍ବରୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ(ଇସିବି) ସାଉଥମ୍ପଟନରେ ୨୦୨୧ ଫାଇନାଲ୍(ଭାରତ ବନାମ ନ୍ୟୁଜିଲାଣ୍ଡ), ଲଣ୍ଡନର ଓଭାଲରେ ୨୦୨୩ ଫାଇନାଲ୍ ମ୍ୟାଚ୍(ଭାରତ ବନାମ ଅଷ୍ଟ୍ରେଲିଆ) ଓ ଲର୍ଡ୍ସରେ ୨୦୨୫ର ଫାଇନାଲ୍(ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ)ର ଆୟୋଜନ କରି ସାରିଛି। କାରଣ ଜୁନ ମାସରେ ଇଂଲଣ୍ଡର ପାଣିପାଗ କ୍ରିକେଟ୍ ପାଇଁ ଅନୁକୂଳ ରହିଥାଏ। ଆଉ ଅଷ୍ଟ୍ରେଲିଆର କ୍ରିକେଟ୍ ସେସନ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥାଏ। ଇଂଲଣ୍ଡ ଏବଂ ସେଠାକାର କ୍ରିକେଟ୍ ପ୍ରଶଂସକ ବି ପ୍ରମାଣିତ କରି ଆସିଛନ୍ତି ଯେ ଡବ୍ଲ୍ୟୁଟିସି ଫାଇନାଲ୍‌ର ଆୟୋଜନ ପାଇଁ ଇଂଲଣ୍ଡ ହିଁ ସର୍ବୋତ୍କୃଷ୍ଟ ସ୍ଥାନ। ଇସିବିର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରିଚାର୍ଡ ଗୋଲ୍ଡ କହିଛନ୍ତି, ଆମେ ବହୁତ ଖୁସି ଯେ, ଇଂଲଣ୍ଡ ଆଣ୍ଡ ୱେଲ୍ସକୁ ଆଗାମୀ ତିନୋଟି ଡବ୍ଲ୍ୟୁଟିସିର ଫାଇନାଲ୍ ଆୟୋଜନ କରିବାର ଅଧିକାର ଦିଆଯାଇଛି।

## ଚତୁର୍ଥ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆର ଆଉଜଣେ ଷ୍ଟାର ବୋଲର ଆହତ

**ଇଂଲଣ୍ଡ**

ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୨ରେ ପଛରେ ଥିବା ଭାରତୀୟ ଦଳ ଚତୁର୍ଥ ଟେଷ୍ଟ ପୂର୍ବରୁ ଆହତ ସମସ୍ୟାରେ ପଡ଼ିଛି। ଲର୍ଡସରେ ୨୨ ରନରେ ହୃଦୟ ବିଦାରକ ପରାଜୟ ପରେ ଶୁଭମାନ ଗିଲଙ୍କ ନେତୃତ୍ୱାଧୀନ ଦଳ ପାଇଁ ଜୁଲାଇ ୨୩ରୁ ମାଞ୍ଚେଷ୍ଟରରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ସିରିଜ୍‌ରେ ଦଳର ଭାଗ୍ୟ ନିର୍ଭର କରୁଛି। କିନ୍ତୁ, ମ୍ୟାଚ୍‌କୁ ମାତ୍ର ତିନି ଦିନ ବାକି ଥିବା ବେଳେ ଦ୍ରୁତ ବୋଲର ଆକାଶ ଦୀପଙ୍କ ଗ୍ରୋଇନ ଆହତ ଭାରତୀୟ ଦଳର ଚିନ୍ତା ବଢ଼ାଇଛି।



ପିଟିଆଇ ରିପୋର୍ଟ ଅନୁଯାୟୀ, ଆକାଶ ଦୀପ ଗ୍ରୋଇନ ଆହତରେ ଜର୍ଜରିତ ଅଛନ୍ତି ଏବଂ ଚତୁର୍ଥ ଟେଷ୍ଟ ପାଇଁ ଫିଟ୍ ହେବା ପାଇଁ ସମୟର ସହ ଦୌଡ଼ୁଛନ୍ତି। ଲର୍ଡସରେ ତୃତୀୟ ଟେଷ୍ଟରେ ଆକାଶଙ୍କ ପ୍ରଦର୍ଶନ ଆଶାନୁରୂପ ନଥିଲା, କାରଣ ସେ ଦୁଇ ଇନିଂସରେ ମାତ୍ର ଗୋଟିଏ ୱିକେଟ ହାସଲ କରିପାରିଥିଲେ। ଏହା ପୂର୍ବରୁ ଦ୍ରୁତ ବୋଲର ଅର୍ଶଦୀପ ସିଂହ ମଧ୍ୟ ତାଙ୍କ ବୋଲିଂ ହାତରେ ଆଘାତ ପାଇଛନ୍ତି। ବେକେନହାମ୍‌ରେ ଦଳର ଅଭ୍ୟାସ ସମୟରେ ବଲକୁ ଅଟକାଇବା ବେଳେ ତାଙ୍କ ହାତରେ କ୍ଷତ ସୃଷ୍ଟି ହୋଇଥିଲା।

ଭାରତୀୟ ଦଳର ସହକାରୀ କୋଚ୍ ରାୟାନ ଟେନ ଡୋସଚେଟ ଏହି ଆହତ ସମ୍ପର୍କରେ ସାମ୍ବାଦିକମାନଙ୍କୁ ଜଣାଇଥିଲେ। ସେ କହିଛନ୍ତି, "ଅର୍ଶଦୀପଙ୍କ ଆହତ ସ୍ଥିତିକୁ ଦେଖି ଆମେ ଦଳ ଗଠନ ନେଇ ନିଷ୍ପତ୍ତି ନେବୁ। ବୋଲିଂ କରୁଥିବା ବେଳେ ବଲକୁ ଅଟକାଇବା ସମୟରେ ତାଙ୍କ ହାତରେ କ୍ଷତ ହୋଇଛି। ଏହା କେତେ ଗମ୍ଭୀର ତାହା ଦେଖିବାକୁ ମେଡିକାଲ ଟିମ୍ ତାଙ୍କୁ ଡାକ୍ତରଙ୍କ ପାଖକୁ ନେଇଛି। ସିଲେଇ ଆବଶ୍ୟକ କି ନାହିଁ, ତାହା ଆମର ପରବର୍ତ୍ତୀ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ।"

ଏହି ଆହତ ସମସ୍ୟା ମଧ୍ୟରେ ହରିୟାଣାର ଦ୍ରୁତ ବୋଲର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରାଯାଇଛି। ଏହା ସହିତ, ୱିକେଟ ରକ୍ଷକ ବ୍ୟାଟ୍‌ସମ୍ୟାନ ଋଷଭ ପନ୍ତଙ୍କ ଆଙ୍ଗୁଠିରେ ମଧ୍ୟ ଆଘାତ ଲାଗିଛି, ଯାହା ତୃତୀୟ ଟେଷ୍ଟରେ ୱିକେଟ ରକ୍ଷଣ ବେଳେ ହୋଇଥିଲା। ତାଙ୍କର ୱିକେଟ ରକ୍ଷକ ଭାବେ ଖେଳିବା ଅନିଶ୍ଚିତ ରହିଛି ବୋଲି ଟେନ ଡୋସଚେଟ ସୂଚନା ଦେଇଛନ୍ତି।

ଏହି ସମସ୍ତ ଆହତ ସମସ୍ୟା ମଧ୍ୟରେ ଜସ୍‌ପ୍ରୀତ ବୁମ୍‌ରାଙ୍କ ଚତୁର୍ଥ ଟେଷ୍ଟରେ ଖେଳିବା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗସ୍ତ ଆରମ୍ଭ ପୂର୍ବରୁ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଜଣାଇଥିଲେ ଯେ ବୁମ୍‌ରା ମାତ୍ର ତିନୋଟି ଟେଷ୍ଟରେ ଖେଳିବେ। କିନ୍ତୁ ବର୍ତ୍ତମାନର ଆହତ ସମସ୍ୟା ଏବଂ ସିରିଜରେ ଭାରତର ଜୀବନ-ମରଣ ପରିସ୍ଥିତିକୁ ଦେଖି ବୁମ୍‌ରାଙ୍କ ଯୋଜନାରେ ପରିବର୍ତ୍ତନ ହେବ କି ନାହିଁ, ତାହା ଦେଖିବାକୁ ବାକି ରହିଛି। ଏହି ଆହତ ସଙ୍କଟ ଭାରତୀୟ ଦଳର ବୋଲିଂ ରଣନୀତିକୁ ପ୍ରଭାବିତ କରିପାରେ, ଏବଂ ସମସ୍ତଙ୍କ ନଜର ଏବେ ମାଞ୍ଚେଷ୍ଟରରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ଟେଷ୍ଟ ଉପରେ ରହିଛି।

## ଭାରତ-ପାକିସ୍ତାନ ଡବ୍ଲ୍ୟୁସିଏଲ୍ ମ୍ୟାଚ୍ ବୟକଟ କଲେ ଭାରତୀୟ ଖେଳାଳି

**ବର୍ମିଂହାମ**

ଭାରତ ଓ ପାକିସ୍ତାନ ଭେଟେରାନ କ୍ରିକେଟରଙ୍କ ମଧ୍ୟରେ ରବିବାର ଖେଳାଯିବାକୁ ଥିବା ୱାର୍ଲଡ ଚାମ୍ପିୟନସିପ୍ ଅଫ୍ ଲିଜେଣ୍ଡ୍ସ (ଡବ୍ଲ୍ୟୁସିଏଲ୍) ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଗତ ଏପ୍ରିଲରେ ଘଟିଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା କାରଣରୁ ଶିଖର ଧାୱନଙ୍କ ସମେତ ଅନେକ ଭାରତୀୟ ଖେଳାଳି ମ୍ୟାଚ୍‌କୁ ବୟକଟ କରିଥିଲେ।

ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଆୟୋଜନ କରାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ସହ ମାଲିକ ହେଉଛନ୍ତି ବଲିଉଡ୍ ଷ୍ଟାର ଅଜୟ ଦେବଗନ। ଗତ ୧୮ ତାରିଖରୁ ଡବ୍ଲ୍ୟୁସିଏଲ୍ ଆରମ୍ଭ ହୋଇଥିବା ବେଳେ ଫାଇନାଲ ମ୍ୟାଚ୍ ଅଗଷ୍ଟ ୨ ତାରିଖରେ ଖେଳାଯିବ। ବିଶ୍ୱକପ୍ ବିଜୟୀ ଯୁବରାଜ ସିଂଙ୍କ ନେତୃତ୍ୱାଧୀନ ଇଣ୍ଡିଆନ ଚାମ୍ପିୟନ୍ସ ଦଳରେ ଧାୱନ, ହରଭଜନ ସିଂ, ୟୁସୁଫ ପଠାନ, ଇର୍ଫାନ ପଠାନ, ସୁରେଶ ରାଇନା, ରବିନ ଉଥପ୍ପା ଓ ବରୁନ ଆରୋନ ଦଳର ସଦସ୍ୟ ରହିଛନ୍ତି।

ଡବ୍ଲ୍ୟୁସିଏଲ୍ ଆୟୋଜକଙ୍କ ପକ୍ଷରୁ ଏକ୍ସ'ରେ କୁହାଯାଇଛି ଯେ, ଚଳିତ ବର୍ଷ ପାକିସ୍ତାନ ହକି ଦଳ ଭାରତ ଟୁର କରିବା ଖବର ପାଇଥିଲୁ। ଭଲିବଲ ଭଳି ଅନ୍ୟ ଖେଳରେ ଦୁଇ ପଡ଼ୋଶୀ ଦେଶ ପରସ୍ପର ବିପକ୍ଷରେ ଖେଳୁଛନ୍ତି। ଏଣୁ ଆମେ ଡବ୍ଲ୍ୟୁସିଏଲ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ଜାରି ରଖିବାକୁ ଚିନ୍ତା କରିଥିଲୁ। କିଛି ପୁରୁଣା ଖୁସିର ମୁହୂର୍ତ୍ତକୁ ଉଜ୍ଜୀବିତ କରିବା ହିଁ ମ୍ୟାଚ୍ ଆୟୋଜନ ପଛର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହି ପ୍ରକ୍ରିୟା ଦ୍ୱାରା ଆମେ ଅନେକଙ୍କ ଭାବନାକୁ ଆଘାତ ଦେଇଛୁ। ଏଣୁ ଆମେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛୁ। ଲୋକଙ୍କ ଭାବନାକୁ ଆଘାତ ଦେଇଥିବାରୁ ଆମେ ପୁଣି ଥରେ କ୍ଷମା ପ୍ରାର୍ଥନା କରୁଛୁ। ଆମେ ଆଶା କରୁଛୁ ଲୋକେ ବୁଝିପାରିବେ ଯେ, ଆମେ କିଛି ପୁରୁଣା ଖୁସିର ମୁହୂର୍ତ୍ତକୁ ଉଜ୍ଜୀବିତ କରିବାକୁ ଉଦ୍ୟମ କରୁଥିଲୁ।

ଧାୱନଙ୍କ ସହ ରାଜ୍ୟସଭା ଏମ୍‌ପି ଥିବା ହରଭଜନ, ଲୋକସଭା ଏମ୍‌ପି ୟୁସୁଫ ଓ ଇର୍ଫାନ ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ବୟକଟ କରିବା ନିଷ୍ପତ୍ତି ସମ୍ପର୍କରେ ସୋସିଆଲ ମିଡିଆରେ ଜଣାଇଥିଲେ।

## ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ : ଅନୁଗୋଳ ଓ ଆରଏସପି ବିଜୟୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡ଼ିୟମ ପଡ଼ିଆ ଠାରେ ରବିବାର ୬୪ତମ ସାହାଣୀ କପ୍ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଲିଗ୍ କମ୍ ନକ୍ ଆଉଟ୍ ପଦ୍ଧତିରେ ଅନୁଷ୍ଠିତ ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏବଂ ସଂଘର୍ଷପୂର୍ଣ୍ଣ ଏହି ପ୍ରଥମ ଖେଳରେ ଅନୁଗୋଳ ଜିଲ୍ଲା ଯାଜପୁର ଜିଲ୍ଲା ବିପକ୍ଷରେ ୪-୩ ଗୋଲରେ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୂରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳର ୩୬ତମ ମିନିଟରେ ଯାଜପୁରର ଜର୍ସି ନମ୍ବର ୧୧ ରାଜ କୁମାର ମାରାଣ୍ଡି ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଖେଳରେ ୧-୦ ଗୋଲରେ ପଛୁଆ ରହିବା ପରେ ଅନୁଗୋଳ ଦ୍ୱିତୀୟାର୍ଦ୍ଧରେ ପରସ୍ପର ମଧ୍ୟରେ ବୁଝାମଣା ରକ୍ଷା କରି ପ୍ରତିପକ୍ଷ ଗୋଲ ଉପରେ ଘନ ଘନ ଆକ୍ରମଣ କରି ପ୍ରତିପକ୍ଷ ରକ୍ଷଣ ଭାଗକୁ ବ୍ୟତିବ୍ୟସ୍ତ କରି ଦେଇଥିଲା ଏବଂ ଦ୍ୱିତୀୟାର୍ଦ୍ଧର ୫୨ତମ ମିନିଟରେ ଏବଂ ୬୦ତମ ମିନିଟରେ ଅନୁଗୋଳର ମିଡ୍ ଫିଲ୍‌ଡର ଫାତୁ ମୁର୍ମୁ ଲଗାତାର ଦୁଇଟି ଗୋଲ ସ୍କୋର କରି ଦଳକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ। ମାତ୍ର ୬୨ତମ ମିନିଟରେ ଯାଜପୁରର ଲେଫ୍ଟ ଉଇଙ୍ଗର ଭାଦୁ ମୁର୍ମୁ ଏକ ଗୋଲ ସ୍କୋର କରି ଖେଳକୁ ସମାନ ସ୍ତରକୁ ଆଣିଥିବା ବେଳେ ୬୯ତମ ମିନିଟରେ ଭଞ୍ଜ ହାଁସଦା ଅନ୍ୟ ଏକ ଦର୍ଶନୀୟ ଗୋଲ ଜରିଆରେ ଯାଜପୁରକୁ ୩-୨ ଗୋଲରେ ଅଗ୍ରଣୀ କରାଇଥିଲେ। କିନ୍ତୁ ଅନୁଗୋଳର ରାଇଟ ଉଇଙ୍ଗର ପ୍ରଶାନ୍ତ ବାରୀ ୭୦ତମ ମିନିଟରେ ଓ ୭୬ତମ ମିନିଟରେ କ୍ରମାଗତ ଦୁଇଟି ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ। ରବିବାର ଅନୁଷ୍ଠିତ ଦ୍ୱିତୀୟ ଖେଳ ମଧ୍ୟ ସଂଘର୍ଷପୂର୍ଣ୍ଣ ତଥା ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଘରୋଇ କେନ୍ଦୁଝର ବିପକ୍ଷରେ ୧-୦ ଗୋଲରେ ବିଜୟୀ ହୋଇ ୩ଟି ମ୍ୟାଚ୍‌ରୁ ସମୁଦାୟ ୯ ପଏଣ୍ଟ ହାସଲ କରି ପ୍ରଥମ ଦଳ ଭାବେ ଗ୍ରୁପ 'ବି' ରୁ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ରବିବାରର ଦ୍ୱିତୀୟ ଖେଳରେ ପ୍ରଥମାର୍ଦ୍ଧର ୨୦ତମ ମିନିଟରେ ଆରଏସପିର ଜର୍ସି ନମ୍ବର ୧୨ ରମେଶ ଓରାମ ଦଳ ପକ୍ଷରୁ ଏହି ଏକମାତ୍ର ଗୋଲଟି ସ୍କୋର କରିବା ସହ ଦଳକୁ ବିଜୟର ମୁକୁଟ ପିନ୍ଧାଇଥିଲେ।




ଖେଳ ଆରମ୍ଭ ହେବା ପୂର୍ବରୁ ରବିବାରର ମୁଖ୍ୟଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସଦସ୍ୟ ଗୋପାଳକ୍ରିଷ୍ଣା ପରିଡ଼ା ଏବଂ ଚତୁର୍ଭୁଜ ହୋତାଙ୍କ ସହ ଖେଳାଳିମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା। ଏହି ଖେଳରେ ଜିଲ୍ଲା କ୍ରୀଡ଼ା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ, ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶ ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ଦିଲ୍ଲୀପ କୁମାର ପଣ୍ଡା ଏବଂ ବୀରେନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଅନୁଷ୍ଠିତ ପ୍ରଥମ ଖେଳରେ ଶୁଭମ ପାତ୍ର ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଲାଇନରେ ମହେଶ ପ୍ରଧାନ ଓ ରତ୍ନାକର ସୋରେନ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଚାଟକ୍ଷର। ସେହିପରି ଦ୍ୱିତୀୟ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ଉକ୍ଳମଣି ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଆଶୀର୍ବାଦ କାନୁନଗୋ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା। ଭାବେ ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲେ।

## ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ପୋଲିସ ଦଳ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

୬ଷ୍ଠ ବାଟାଲିଆନ, କଟକ ଆନୁକୂଲ୍ୟରେ ଆୟୋଜିତ ୭୭ତମ ରାଜ୍ୟସ୍ତରୀୟ ପୋଲିସ ଭଲିବଲ ଚମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ପୋଲିସ ଦଳ କଟକ ଅଭିମୁଖେ ଯାତ୍ରା କରିଛି। ଦଳରେ ହରିହର ମଲ୍ଲିକ (ଅଧିନାୟକ), ନିରଞ୍ଜନ ନାଏକ, ରାଜୀବ କୁମାର ଭୂୟାଁ, ଲକ୍ଷ୍ମୀ ନାରାୟଣ ସାହୁ, ବିକାଶ ଗିରି, ଜଗତ ଜୀବନ ସେଠି, ସ୍ନେହାଶିଷ ମହାନ୍ତି, ମିଲୁ ମହାନ୍ତ, ଜନ୍ମେଜୟ ଦାସ, ଅଞ୍ଜନ ବେହେରା, ପ୍ରୀତମ ମହାନ୍ତ, ସାମିଲ ଅଛନ୍ତି। ମ୍ୟାନେଜର ଭାବେ କେ. ବିଶ୍ୱନାଥ ରାଓ ଓ ଜୀତେନ୍ଦ୍ର ଜେନା କୋଚ୍ ଭାବେ ଦଳ ସହିତ ଗସ୍ତ କରିଛନ୍ତି। ରିଜର୍ଭ ପୋଲିସ ଇନ୍‌ସପେକ୍ଟର ଆଲୋକ କାନୁନଗୋ, ପୋଲିସ ସଙ୍ଘ ସମ୍ପାଦକ ସୁରଜ କୁମାର ରାଜ, ଏନଆଇଏସ କୋଚ୍ ମନୋରଞ୍ଜନ ଜୀଉ ଓ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଚଳିତ ମାସ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଚମ୍ପିଅନସିପ୍ ଅନୁଷ୍ଠିତ ହେବ ଏବଂ ମୟୂରଭଞ୍ଜ ତା'ର ପ୍ରଥମ ମ୍ୟାଚ୍ ୨୨ ତାରିଖ ଦିନ ଖେଳିବ।

## ବନ୍ଧୁତାପୂର୍ଣ୍ଣ ୧୩ ବର୍ଷରୁ କମ୍ କ୍ରିକେଟ୍ ମ୍ୟାଚ୍
## ଗ୍ରୀନ୍ସ କ୍ଲବ୍ ଭୁବନେଶ୍ୱର ବିଜୟୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ନୀଳାଦ୍ରି ବିହାର ସ୍ଥିତ ଗୋପବନ୍ଧୁ ଖେଳ ପଡ଼ିଆରେ ଆୟୋଜିତ ଏକ ବନ୍ଧୁତାପୂର୍ଣ୍ଣ ୧୩ ବର୍ଷରୁ କମ୍ କ୍ରିକେଟ୍ ମ୍ୟାଚ୍‌ରେ ବିଶ୍ୱଭାରତୀ କ୍ରିକେଟ୍ ଏକାଡ଼େମିକୁ ୫ ୱିକେଟରେ ପରାସ୍ତ କରିଛି ଗ୍ରୀନ୍ସ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର। ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ଟିମ୍ ଗ୍ରୀନ୍ସ। ୩୦ ଓଭର ମ୍ୟାଚ୍‌ରେ ବିବିସିଏ ର ମୃତ୍ୟୁଞ୍ଜୟ ୫୫ ରନ୍ (୫ ଚୌକା, ୧ ଛକା), ସନ୍ଦୀପ ୪୮ (୭ ଚୌକା, ୧ ଛକା)ଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ୨୬ ଓଭରରେ ୧୭୫ ରନ୍‌ରେ ଅଲ ଆଉଟ୍ ହୋଇଯାଇଥିଲା ଦଳ। ବିପକ୍ଷ ଦଳର ଆରବ ଗୁପ୍ତ ୩ଟି, ରଜତ ରାଉତ ୩ଟି, ସୂର୍ଯ୍ୟାଂଶୁ ରାଉତ ୨ଟି ଏବଂ ସଚିନ ରାଉତରାୟ ଗୋଟିଏ ୱିକେଟ୍ ହାସଲ କରିଥିଲେ।



ସାଇ ସ୍ୱୟମ୍ ସାହୁ



ଅଧିନାୟକ, ସରୋଜ ରଣା

ଜବାବରେ ଗ୍ରୀନ୍ସ କ୍ରିକେଟ କ୍ଲବର ଓପନର ସାଇ ସ୍ୱୟମ୍ ସାହୁ ୪୨ଟି ବଲ୍‌ରେ (୧୦ ଚୌକା, ଗୋଟିଏ ଛକା) ୫୦ ରନ୍ ଏବଂ ଅଧିନାୟକ ସରୋଜ ରଣା ଅପରାଜିତ ୫୨ ବଲରେ (୬ ଚୌକା) ସହାୟତାରେ ୩୮ ରନ କରିବା ଫଳରେ ୨୮ ଓଭରରେ ୫ ୱିକେଟ ହରାଇ ମ୍ୟାଚ୍‌କୁ ଜିତି ନେଇଥିଲେ। ଧୂଆଁଧାର ୫୦ ରନ୍ ସଂଗ୍ରହ କରିଥିବା ସାଇ ସ୍ୱୟମ୍ ସାହୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

## ନୂଆ ରେକର୍ଡର ନିକଟତର ରବୀନ୍ଦ୍ର ଜାଡ଼େଜା, ଭାଙ୍ଗିବେ ଗ୍ୟାରି ସୋବର୍ସଙ୍କ ରେକର୍ଡ

**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବ୍ୟାଟ୍ ସହିତ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଭାରତୀୟ ଅଲରାଉଣ୍ଡର ରବିନ୍ଦ୍ର ଜାଡ଼େଜା। ଜାଡେଜା ଲଗାତାର ୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଏବେ ଜାଡେଜା ଟେଷ୍ଟ କ୍ରିକେଟରେ ଆଉ ଏକ ରେକର୍ଡ ସୃଷ୍ଟି କରିବାର ଅତି ନିକଟତର। ଯଦି ଜାଡ଼େଜା ଚଳିତ ସିରିଜ୍‌ରେ ଆଉ ୫୮ ରନ କରନ୍ତି, ତେବେ ସେ ଇଂଲଣ୍ଡରେ ୬ ନମ୍ବର କିମ୍ବା ତା'ଠାରୁ ଲୋ ଅର୍ଡରରେ ବ୍ୟାଟିଂ କରି ୧୦୦୦ ଟେଷ୍ଟ ରନ ସ୍କୋର କରିବାରେ ଦ୍ୱିତୀୟ ବ୍ୟାଟର ହେବେ। ଏବେ ପର୍ଯ୍ୟନ୍ତ, କେବଳ ୱେଷ୍ଟଇଣ୍ଡିଜର ଗ୍ୟାରି ସୋବର୍ସ ଏହି ସଫଳତା ହାସଲ କରିପାରିଛନ୍ତି। ଇଂଲଣ୍ଡରେ ୬ ନମ୍ବର କିମ୍ବା ତା'ଠାରୁ ଲୋ ଅର୍ଡରରେ ବ୍ୟାଟିଂ କରି ଟେଷ୍ଟ କ୍ରିକେଟରେ ୧୦୯୭ ରନ କରିଥିଲେ। ରବିନ୍ଦ୍ର ଜାଡ଼େଜା ବର୍ତ୍ତମାନ ପର୍ଯ୍ୟନ୍ତ ତିନୋଟି ମ୍ୟାଚ୍‌ରେ ୧୦୯ ଆଭରେଜ୍‌ରେ ୩୨୭ ରନ କରିଛନ୍ତି। ସୌରଭ ଗାଙ୍ଗୁଲି ଏବଂ ଋଷଭ ପନ୍ତଙ୍କ ପରେ ସେ ଇଂଲଣ୍ଡରେ କ୍ରମାଗତ ଚାରି ଇନିଂସରେ ୫୦ କିମ୍ବା ତା'ଠାରୁ ଅଧିକ ରନ ସ୍କୋର କରିବାରେ ତୃତୀୟ ଭାରତୀୟ ବ୍ୟାଟର। ବାମହାତୀ ବ୍ୟାଟର ରବିନ୍ଦ୍ର ଜାଡ଼େଜା ଏପର୍ଯ୍ୟନ୍ତ ୮୩ଟି ଟେଷ୍ଟ ମ୍ୟାଚରେ ୩୬.୯୭ ହାରରେ ୩୬୯୭ ରନ କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୪ଟି ଶତକ ଏବଂ ୨୬ଟି ଅର୍ଦ୍ଧଶତକ ଆସିଛି। ଜାଡେଜା ଟେଷ୍ଟ କ୍ରିକେଟରେ ତାଙ୍କର ବାମହାତୀ ସ୍ପିନ୍ ବୋଲିଂ ମଧ୍ୟ ଦେଖାଇଛନ୍ତି। ଜାଡେଜା ୨୪.୯୩ ହାରରେ ୩୨୬ ୱିକେଟ୍ ନେଇଛନ୍ତି।



## ଅଲିମ୍ପିକ୍ସରେ ହେବ ନାହିଁ ଭାରତ-ପାକିସ୍ତାନ ମ୍ୟାଚ୍ !

**ନୂଆଦିଲ୍ଲୀ**

୧୨୮ ବର୍ଷ ପରେ ପୁଣି ଥରେ ଅଲିମ୍ପିକ୍ସରେ କ୍ରିକେଟ ସାମିଲ ହେବାକୁ ଯାଉଛି। ୨୦୨୮ ମସିହାରେ ଲସ୍ ଆଞ୍ଜେଲସରେ ହେବାକୁ ଥିବା ଅଲିମ୍ପିକ୍ସ ଜିତିବା ଏକ ବଡ଼ କଥା, ଏହି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା କ୍ରିକେଟ ଦଳ ପାଇଁ ଏକ ବଡ଼ କଥା ହେବ। ଲସ୍ ଆଞ୍ଜେଲସ ଅଲିମ୍ପିକ୍ସରେ କେବଳ ଛଅଟି ଦଳ ଅଂଶଗ୍ରହଣ କରିପାରିବେ। ଏହି ଅଲିମ୍ପିକ୍ସ ପାଇଁ କ୍ରିକେଟର ନିୟମ ବହୁତ କଡ଼ା କରାଯାଉଛି।

ଲସ୍ ଆଞ୍ଜେଲସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଦଳଗୁଡ଼ିକର ନାମ ଆଞ୍ଚଳିକ ର୍‍ୟାଙ୍କିଂ ଉପରେ ଆଧାରିତ ହେବ, ଯାହା ୧୨ ରୁ ୨୯ ଜୁଲାଇ ମଧ୍ୟରେ ପୋମୋନାରେ ଅନୁଷ୍ଠିତ ହେବ। ଏଥିରୁ ସ୍ପଷ୍ଟ ଯେ କେବଳ ଏସିଆ, ଓସେନିଆ, ୟୁରୋପ ଏବଂ ଆଫ୍ରିକାରେ ଶୀର୍ଷ ର୍‍ୟାଙ୍କିଂ ହାସଲ କରିଥିବା ଦଳଗୁଡ଼ିକ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରିବେ। ୨୦୨୮ ଅଲିମ୍ପିକ୍ସ ଆମେରିକାରେ ଅନୁଷ୍ଠିତ ହେବ, ତେଣୁ ଏହି ଦେଶର ଦଳ ମଧ୍ୟ ଅଂଶଗ୍ରହଣ କରିବ। ଚାରୋଟି ମହାଦେଶର ଦଳ ଏବଂ ଗୋଟିଏ ଆମେରିକୀୟ ଦଳ ବ୍ୟତୀତ, ଷଷ୍ଠ ଦଳର ଚୟନ ଏକ ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ନିଷ୍ପତ୍ତି ନିଆଯିବ।

ଅଲିମ୍ପିକ୍ସରେ କ୍ରିକେଟର ନିୟମ ଅନୁସାରେ, କେବଳ ଏସିଆରେ ଶୀର୍ଷ ର୍‍ୟାଙ୍କିଂ ହାସଲ କରିଥିବା ଦଳ ଯୋଗ୍ୟତା ହାସଲ କରିପାରିବ। ଅଲିମ୍ପିକ୍ସରେ ମ୍ୟାଚ୍‌ଗୁଡ଼ିକ ୨୦-୨୦ ଓଭର ପାଇଁ ଖେଳାଯିବ, ତେଣୁ ଯଦି ଭାରତ ଆଇସିସି ଟି୨୦ ର୍‍ୟାଙ୍କିଂରେ ନମ୍ବର ୧ ଏବଂ ପାକିସ୍ତାନ ନମ୍ବର ୨ ହୁଏ, ତେବେ କେବଳ ଭାରତ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବ, ଯେତେବେଳେ ପାକିସ୍ତାନ ନ ଖେଳି ଏହି ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯିବ। ଅନ୍ୟପକ୍ଷରେ ଯଦି ଭାରତ ବ୍ୟତୀତ ଅନ୍ୟ କୌଣସି ଏସୀୟ ଦଳ ଆଇସିସି ର୍‍ୟାଙ୍କିଂରେ ଶୀର୍ଷରେ ଥାଏ, ତେବେ ସେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବ।

ଅଲିମ୍ପିକ୍ସରୁ ବାହାର ହୋଇଥିବା ଦଳଗୁଡ଼ିକୁ ଯୋଗ୍ୟତା ହାସଲ କରିବାର ଶେଷ ସୁଯୋଗ ମିଳିବ। ଯଦି ନ୍ୟୁଜିଲାଣ୍ଡ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଏବଂ ଆଫଗାନିସ୍ତାନ ଦଳ ର୍‍ୟାଙ୍କିଂ ମାଧ୍ୟମରେ ଯୋଗ୍ୟତା ହାସଲ କରିପାରି ନ ଥାନ୍ତି, ତେବେ ସେମାନଙ୍କୁ ଯୋଗ୍ୟତା ପର୍ଯ୍ୟାୟରେ ଯିବାକୁ ପଡ଼ିବ। ଏହି ସମସ୍ତ ଦଳ ମଧ୍ୟରୁ ଯେଉଁ ଦଳ ଏହି ଟୁର୍ଣ୍ଣାମେଣ୍ଟ ଜିତିବ ସେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବ।

## ୯.୩୫ କ୍ୱିଣ୍ଟାଲ ଗଞ୍ଜେଇ ଓ ବୋଲେରୋ ଜବତ : ୩ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଏକ ବଡ଼ଧରଣର ବେଆଇନ୍ ଗଞ୍ଜେଇ ଚୋରାଚାଲାଣକୁ ଧରି ସୁବର୍ଣ୍ଣପୁର ଜିଲ୍ଲା ପୋଲିସକୁ ମିଳିଛି ବଡ଼ ସଫଳତା। ତରଭା ଥାନା ଅନ୍ତର୍ଗତ ରାଣୀସର୍ଡା ଛକ ଠାରେ ୯ କ୍ୱିଣ୍ଟାଲ ୩୫ କେଜି ୧୪୦ ଗ୍ରାମ ଗଞ୍ଜେଇ ସହ ବୋଲେରୋ ପିକଅପ ଗାଡ଼ି ଜବତ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା କନ୍ଧମାଳ ଅଞ୍ଚଳରୁ ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ ଗାଡ଼ି ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ କରି ତରଭା ପୋଲିସ ପିଛା କରିଥିଲା। ଏହି ଖବର ମେଣ୍ଢା ଫାଣ୍ଡିକୁ ଖବର ଦିଆଯାଇ ଗଞ୍ଜେଇ ଭର୍ତ୍ତି ବୋଲେରୋ ପିକଅପ୍ ଗାଡ଼ିକୁ ପିଛା କରିଥିଲେ। ତରଭା ପୋଲିସ ଓ ମେଣ୍ଢା ଫାଣ୍ଡି ପୋଲିସର ମିଳିତ ଭାବେ ବୋଲେରୋ ପିକ୍ ଅପ୍ ଗାଡ଼ିକୁ ବୁଢ଼ା-ଅର୍ଜୁନପୁର ରାସ୍ତା ରାଣିସର୍ଡା ଛକ ନିକଟରେ କାବୁ କରିଥିଲେ।



ବୋଲେରୋ ଗାଡ଼ିରେ ଗଞ୍ଜେଇ ଭର୍ତ୍ତି ଥିବା ଜଣା ପଡ଼ିଥିଲା। ବୋଲେରୋ ପିକ୍‌ଅପ୍ ଭ୍ୟାନ ଗାଡ଼ିଟିକୁ ଜବତ କରି ଏକ ମାମଲା ରୁଜୁ କରାଯାଇଛି। ଗାଡ଼ିରୁ ପ୍ରାୟ ୯୩୦ ପ୍ୟାକେଟ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଦୀପ୍ତିମୟୀ ଭୁଏଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଜବତ ଗଞ୍ଜେଇ ୯ କ୍ୱିଣ୍ଟାଲରୁ ଅଧିକ ହେବାର ଆଶା କରାଯାଉଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ କୋଟି କୋଟି ଟଙ୍କା ହେବ। ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ତରଭା ଆଇଆଇସିଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବେଳେ ଏକ ବଡ଼ ଧରଣ ଗଞ୍ଜେଇ ଚୋରା ଚାଲାଣକୁ ତରଭା ପୋଲିସ ଧରିବାରେ ସଫଳ ହୋଇଛି। ୯ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଥିବାର ଖବର ପାଇ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦାରଖ କରିଥିଲେ। ଏହି ଘଟଣାରେ ୩ ବ୍ୟକ୍ତି ରମାକାନ୍ତ ନାଏକ (୨୫), ସୁଜିତ ନାଏକ (୨୩) ଜୟଦ୍ରଥ ଦଳବେହେରା (୨୭)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତ ତରଭା ଥାନା ଅନ୍ତର୍ଗତ ଝାରତରଭା ଗ୍ରାମର ବୋଲି ଜଣାପଡ଼ିଛି। ଏହି ବଡ଼ ଧରଣର ଗଞ୍ଜେଇ ଚୋରା ଚାଲାଣ କାରବାର ଧରପଗଡ଼ରେ ଏସଆଇ ଶୁଭେନ୍ଦୁ ସିଂ ବାବୁ, ମେଣ୍ଢା ଫାଣ୍ଡି ଅଧିକାରୀ ଟଙ୍କଧର ଛତ୍ରିଆଙ୍କ ସହ ରଞ୍ଜିତ ମହାପାତ୍ର ଏବଂ ତରଭା ଥାନା ଓ ମେଣ୍ଢା ଫାଣ୍ଡି ପୋଲିସ ଦଳ ସାମିଲ ଥିଲେ। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏତେ ଅଧିକ ପରିମାଣରେ ଗଞ୍ଜେଇ ଜବତ ହେବା ପରେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇ ପଡିଛି। ଏହି ଗଞ୍ଜେଇ ଚୋରା ଚାଲାଣ ବାହାର ରାଜ୍ୟ ସହିତ ସମ୍ପର୍କ ରହିଥିବାର ଆଶା କରାଯାଉଛି। ଠିକ୍ ଏହିପରି ଚଳିତ ମାସ ୧ ତାରିଖରେ ତରଭା ବଡ଼ ବନ୍ଧ ଠାରେ ତରଭା ପୋଲିସ ୬ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା।

## ଚୌଦ୍ୱାର ଥାନାରେ ୨ ଅପମୃତ୍ୟୁ ମାମଲା ରୁଜୁ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଚୌଦ୍ୱାର ପୌରା ଳରେ ୨ଟି ଅପମୃତ୍ୟୁ ଘଟଣା ଥାନାରେ ରୁଜୁ ହୋଇଛି। କପାଳେଶ୍ୱର ଅଞ୍ଚଳରେ ରହୁଥିବା ଜନୈକା ଛାତ୍ରୀ ଶନିବାର ସକାଳେ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ବେଳେ ଚୌଦ୍ୱାର ଗ୍ରାମରେ ଜନୈକ ଯୁବକ ମଧ୍ୟ ବେକରେ ଓଢ଼ଣୀ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଚୌଦ୍ୱାର କଲେଜରେ ଯୁକ୍ତ ୩ କଳା ବିଭାଗରେ ପାଠ ପଢୁଥିବା ଜଣେ ଛାତ୍ରୀ ଘରେ କେହିନଥିବାର ସୁଯୋଗ ନେଇ ବେକରେ ଓଢ଼ଣୀ ବାନ୍ଧି ଛାତରେ ଝୁଲି ପଡ଼ିଥିଲେ। ସେ ମୃତ ଅବସ୍ଥାରେ ଝୁଲୁଥିବା ଦେଖି ପରିବାର ଲୋକେ ସ୍ଥାନୀୟ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ଘଟଣାସ୍ଥଳରୁ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲେ। ସେହିପରି ଚୌଦ୍ୱାର ଖର୍ଦ୍ଦାସାହିରେ ଏକ ଭଡ଼ାଘରେ ରହୁଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କୟଲପଡ଼ା ଗ୍ରାମର ବିବାହିତ ଯୁବକ ସୁବାସ ଚନ୍ଦ୍ର ବେହେରା(୩୬) ଶୁକ୍ରବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ନିଜ ସ୍ତ୍ରୀର ଓଢ଼ଣୀକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ଶବବ୍ୟଚ୍ଛେଦ ନିମନ୍ତେ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଉଭୟଙ୍କ ଆତ୍ମହତ୍ୟାର ସଠିକ୍ କାରଣ ଜଣାପଡ଼ିନାହିଁ।

## ଦୃଷ୍ଟି ବାଧିତ ଛାତ୍ର ଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ବ୍ରେଲି ଉପକରଣ ବଣ୍ଟନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡିଙ୍କ ଦ୍ୱାରା ନେତାଜୀ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟ, ଦଶରଥପୁରର ମୋଟ ପାଞ୍ଚ ଜଣ ଛାତ୍ର ଛାତ୍ରୀଙ୍କୁ 'ଆନି ସ୍ମାର୍ଟ ବ୍ରେଲି ଲର୍ଣ୍ଣିଂ ଡିଭାଇସେସ୍' ପ୍ରଦାନ କରାଗଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀମତୀ ରେଡି ସମସ୍ତ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଉପଦେଶ ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଞ୍ଚ ଜଣ ଛାତ୍ରଛାତ୍ରୀଙ୍କ ଅଭିଭାବକ, ନେତାଜୀ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଞ୍ଜିତା ନାୟକ, ସମ୍ପାଦକ ସ୍ୱର୍ଣ୍ଣଲତା ରାଉତ, କମ୍ପ୍ୟୁଟର ଶିକ୍ଷକ ପ୍ରୀତିକାନ୍ତ ଜେନା, ସୋମନାଥ ମଲିକ, କନିଷ୍ଠ କିରାଣୀ ଆଦି ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ରନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







## ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ ଘଟଣା

# ତ୍ରୁଟିଶୂନ୍ୟ ପରୀକ୍ଷା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରସଙ୍ଗରେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଆଜି ଅର୍ଥାତ ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷାର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ଘୁଂଚାଇ ଦିଆଯାଇଛି ।





ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟ ବିଜେପି ସରକାର ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ସାଧାରଣ ପରୀକ୍ଷା ସୁରୁଖୁରୁରେ କରାଇବାରେ ସକ୍ଷମ ହୋଇପାରୁ ନାହାନ୍ତି । ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଗଲା ବୋଲି କୁହାଯାଉଥିଲେ ମଧ୍ୟ ପ୍ରକୃତରେ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି ବୋଲି ଡ଼ ମହାନ୍ତି ଅଭିଯୋଗ କରିଥିଲେ । ସେ କହିଥିଲେ, ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି । ଗତ ଏକ ବର୍ଷର ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି ଓ ସୁଶାସନ ଦାବି କରି କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ପରୀକ୍ଷାଟିଏ ସୁରୁଖୁରୁରେ ଆୟୋଜିତ କରିବାରେ ସକ୍ଷମ ହୋଇନାହାନ୍ତି । ଗତ ଏକ ବର୍ଷ ଭିତରେ, ରାଜ୍ୟରେ ପ୍ରାୟ ୧୨ଟି ପରୀକ୍ଷା ବିଭିନ୍ନ କାରଣରୁ ଘୁଂଚାଯାଇଛି । କେଉଁଠି ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ବେଳେ, କେଉଁଠି ଭୁଲ୍ ପ୍ରଶ୍ନପତ୍ର ବଂଟନ ଯୋଗୁଁ ପରୀକ୍ଷା ଘୁଂଚାଯାଉଛି । ପରୀକ୍ଷାଟିଏ ତ୍ରୁଟିଶୂନ୍ୟ ଭାବେ କରାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହାଛଡା, ଏଭଳି ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍ ୨୦୨୪ରେ କରାଯାଇଛି । ଏହି ବିଲ୍ ଅନୁଯାୟୀ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ ଦଣ୍ଡ ସହ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି । ବିଜେପି ସରକାରରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଏକ ନିୟମିତ ବ୍ୟାପାର ହୋଇଥିଲେ ମଧ୍ୟ ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦଣ୍ଡିତ ହୋଇନାହାନ୍ତି । ଏହି ଆଇନକୁ କାର୍ଯ୍ୟକାରୀ ନକରିବା ସରକାର ଦୋଷୀଙ୍କୁ ଘଂଟ ଘୋଡାଇବା ସଦୃଶ୍ୟ ହୋଇଛି ବୋଲି ଡ଼ ମହାନ୍ତି କହିଥିଲେ ।

# ପୁରୀ ରେଳ ଷ୍ଟେସନର ପୁନର୍ବିକାଶ ଅନୁଧ୍ୟାନ କଲେ କେନ୍ଦ୍ର ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ



**ପୁରୀ, ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭି. ସୋମାନ୍ନା ରବିବାର ପୁରୀ ରେଳ ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରୂପାନ୍ତରଣ କରାଯାଉଥିବା ପୁନର୍ବିକାଶ କାର୍ଯ୍ୟ ନୀରିକ୍ଷଣ କରିଛନ୍ତି । ସେ ରେଳ ଭିତ୍ତିଭୂମିର ଆଧୁନିକୀକରଣ ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି ଉଲ୍ଲେଖ କରିଛନ୍ତି ଯେ ୨୦୨୫ ରେଳ ବଜେଟରେ ଓଡ଼ିଶାକୁ ୧୦,୫୯୯ କୋଟି ମିଳିଛି - ଯାହା ୨୦୦୯-୧୪ ତୁଳନାରେ ୧୨.୫ ଗୁଣ ବୃଦ୍ଧି । ବର୍ତ୍ତମାନ, ରାଜ୍ୟର ୫୯ ଷ୍ଟେସନକୁ ୨,୩୭୯ କୋଟି ଟଙ୍କା ବ୍ୟୟରେ ପୁନର୍ବିକାଶ କରାଯାଉଛି ଏବଂ ପ୍ରାୟ ୮୦,୦୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ରାଜ୍ୟରେ ଚାଲୁ ରହିଛି । ଶ୍ରୀ ସୋମାନ୍ନା ଆଲୋକପାତ କରିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ, ଏହି ଅଞ୍ଚଳରେ ରେଳ ଭିତ୍ତିଭୂମି ଅଭୂତପୂର୍ବ ଅଭିବୃଦ୍ଧି ପାଇଛି ଯେଉଁଥିରେ ନୂତନ ରେଳ ଲାଇନ ନିର୍ମାଣ, ଟ୍ରାକ୍ ଦୋହରୀକରଣ ଏବଂ ଯାତ୍ରୀ ସୁବିଧା ବୃଦ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି - ଯାହା ପୂର୍ବ ବର୍ଷଗୁଡ଼ିକର ଅଗ୍ରଗତିକୁ ବହୁ ପଛରେ ପକାଇଛି । 'ବନ୍ଦେ ଭାରତ ଏକ୍ସପ୍ରେସ' ଭଳି ଆଧୁନିକ ଟ୍ରେନର ପ୍ରଚଳନ ବିଷୟରେ ମଧ୍ୟ ଉଲ୍ଲେଖ କରି କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ପ୍ରମୁଖ ଅଂଶକୁ ବନ୍ଦେ ଭାରତ ଏକ୍ସପ୍ରେସ ସଂଯୋଗ କରୁଛି ଏବଂ ଆଞ୍ଚଳିକ ସଂଯୋଗୀକରଣ ଏବଂ ବିକାଶକୁ ଆହୁରି ବୃଦ୍ଧି କରୁଛି । ରେଳ ରାଷ୍ଟ୍ର ମନ୍ତ୍ରୀ ଆଲୋକପାତ କରିଥିଲେ ଯେ ରୂପାନ୍ତରିତ ପୁରୀ ଷ୍ଟେସନ ରେ 'ୱାନ ଷ୍ଟେସନ ୱାନ ପ୍ରଡକ୍ଟ' ଷ୍ଟଲ ଉପଲବ୍ଧ କରାଯାଇ ସ୍ଥାନୀୟ ପ୍ରଡକ୍ଟ କୁ ପ୍ରୋତ୍ସାହନ ଦିଆଯିବା ସହ ଏଥିରେ ଉନ୍ନତ ପ୍ରବେଶ, ଆଧୁନିକ ପ୍ରତୀକ୍ଷା ହଲ୍, ଲିଫ୍ଟ/ଏସ୍କେଲେଟର, ଏକଜିକ୍ୟୁଟିଭ୍ ଲାଉଞ୍ଜ, ସ୍ଥାନୀୟ ବୈଶିଷ୍ଟ୍ୟ ଏବଂ କିଓସ୍କ ସମେତ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବ ।

ଶ୍ରୀ ସୋମନ୍ନାଙ୍କ ସହିତ ପୂର୍ବ ତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି.ଏସ୍. ରାଜକୁମାର, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍.ଏସ୍. ବାଜୱା ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ ଏ.ଜି. ଶ୍ରୀନିବାସଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ତାଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭାରତୀୟ ରେଳପଥକୁ ରୂପାନ୍ତରଣ କରିବାର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଯାତ୍ରୀଙ୍କ ପାଇଁ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଏହି ପୁନର୍ବିକାଶର ଲକ୍ଷ୍ୟ ରଖାଯାଇଛି ।

# ଆଜିଠାରୁ ଓଡ଼ିଶାରେ ବୋତଲରେ ପେଟ୍ରୋଲ ବିକ୍ରି ହେବ ନାହିଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୋମବାର ଠାରୁ ଓଡ଼ିଶାରେ ଆଉ ବୋତଲ କିମ୍ବା ଖୋଲା ପାତ୍ରରେ ପେଟ୍ରୋଲ ବିକ୍ରି ହେବ ନାହିଁ ବୋଲି ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍‌ର ରାଜ୍ୟ ସଭାପତି ଶଶାଙ୍କ ଶେଖର ସାହୁ ସୂଚନା ଦେଇଛନ୍ତି । ଶ୍ରୀ ସାହୁଙ୍କ ସୂଚନା ଅନୁଯାୟୀ, ପେଟ୍ରୋଲିୟମ୍ ଡିଲର୍ସ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବୋତଲରେ କିମ୍ବା କୌଣସି ଖୋଲା ପାତ୍ରରେ ଇନ୍ଧନ ବିକ୍ରୟ କିମ୍ବା ଉପଲବ୍ଧ ନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ବୋତଲ କିମ୍ବା ଖୋଲା





ପାତ୍ରରେ ପେଟ୍ରୋଲ ବିକ୍ରି ନ କରିବା ନିୟମ ରହିଛି । କିନ୍ତୁ କାର୍ଯ୍ୟକାରୀ ହୋଇନାହିଁ । କିନ୍ତୁ ବର୍ତ୍ତମାନ କୌଣସି ପରିସ୍ଥିତିରେ ବୋତଲରେ କାହାକୁ ଇନ୍ଧନ ଦିଆଯିବ ନାହିଁ, ତଥାପି ଜରୁରୀ ପରିସ୍ଥିତିରେ ଗ୍ରାହକମାନଙ୍କୁ ଇନ୍ଧନ ଷ୍ଟେସନ୍‌ରେ ସେମାନଙ୍କର ଆଧାର କାର୍ଡ ଦାଖଲ କରିବାକୁ ପଡିବ । ଶ୍ରୀ ସାହୁ ଆହୁରି କହିଛନ୍ତି ଯେ ସୋମବାର ଠାରୁ ସିଧାସଳଖ ଗାଡ଼ିରେ ଇନ୍ଧନ ଭର୍ତ୍ତି କରାଯିବ । ବାଲେଶ୍ୱର ଜିଲ୍ଲାରେ ଏହି ନିୟମ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ପେଟ୍ରୋଲ ଡିଲର୍ସ ଆସୋସିଏସନ୍‌ର ରାଜ୍ୟ ସଭାପତି ସୂଚନା ଦେଇଛନ୍ତି । ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିବା ଦୁଃଖଦ ଘଟଣା ପରିପ୍ରେକ୍ଷୀରେ ବୋତଲରେ ପେଟ୍ରୋଲ ବିକ୍ରୟ ନକରିବା ନିଷ୍ପତ୍ତି ନିଆଯାଇଛି । ଏହି ଘଟଣାରେ ଜଣେ ବି.ଏଡ୍ ଛାତ୍ରୀ ସ୍ଥାନୀୟ ଫିଲିଂ ଷ୍ଟେସନରୁ ବୋତଲରେ କିଣାଯାଇଥିବା ପେଟ୍ରୋଲ ବ୍ୟବହାର କରି ଆତ୍ମହତ୍ୟା କରିଥିଲେ ।

## ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି

# ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବିଜେଡିର ସମୂହ ଦୀପଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଦିଲ୍ଲୀ ଏମ୍ସରେ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ବଳଙ୍ଗା ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ସମୂହ ଦୀପଦାନ କରାଯାଇଛି ।



ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ମେୟର ଶ୍ରୀମତୀ ସୁଲୋଚନା ଦାସ, ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ଼ ଲେନିନ ମହାନ୍ତି, ବରିଷ୍ଠ ନେତା ବିଜୟ ନାୟକ, ଗୌତମ ହରିଚନ୍ଦନ, ସନ୍ତୋଷ ବେଜ୍,ଶିବ ପ୍ରସାଦ ବେହେରା,ଚନ୍ଦ୍ରଶେଖର ମଲିଆ, ଶିବ ନାରାୟଣ କିରଣ, ଶ୍ରୀମତୀ ମହାମାୟା ସ୍ୱାଇଁ, ଶ୍ରୀମତୀ ମାନସୀ ସୁନ୍ଦରାୟ, ପ୍ରମୁଖ ରହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଳଙ୍ଗା ପୀଡିତାଙ୍କୁ ...

ଲଗାଇ ଦେଇଥିଲେ । ଦେହରେ ନିଆଁ ଲାଗିବା ପରେ ନାବାଳିକା ଏଣେତେଣେ ଦୌଡିବାରେ ଲାଗିଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯିବା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା ।

### ଆଜିଠୁ ସଂସଦର ...

ପ୍ରତିନିଧି ବୈଠକରେ ଅଂଶଗ୍ରହଣ କରି ସେମାନଙ୍କର ମତାମତ ରଖିଥିଲେ । ଅନ୍ୟପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଏବଂ ରାଜ୍ୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସରକାରଙ୍କ ପକ୍ଷରୁ ସେମାନଙ୍କର ମତାମତ ରଖିଥିଲେ ।

### ସରକାର ଅପରେସନ...

ହେବା ପୂର୍ବରୁ ସମସ୍ତ ଦଳର ଫ୍ଲୋର୍ ନେତାମାନଙ୍କ ସହ ଏକ ବୈଠକ ହୋଇଥିଲା । ରବିବାର ୫୧ଟି ଦଳର ୫୪ ଜଣ ସଦସ୍ୟ ଏହି ବୈଠକରେ ଅଂଶ ନେଇଥିଲେ । ସେମାନଙ୍କ ମଧ୍ୟରୁ ୪୦ ଜଣ ନିଜ ଦଳ ପକ୍ଷରୁ ମତବ୍ୟକ୍ତ କରିଥିଲେ । ଏହି ବୈଠକ ଅତ୍ୟନ୍ତ ରଚନାତ୍ମକ ଥିଲା । ସମସ୍ତ ରାଜନୈତିକ ନେତା ତାଙ୍କ ଦଳର ଦୃଷ୍ଟିକୋଣ ଓ ସେଇ ସମସ୍ୟା ବିଷୟରେ ଅବଗତ କରିଥିଲେ, ଯାହା ସେମାନେ ଏହି ଅଧିବେଶନରେ ଉଠାଇବାକୁ ଚାହାଁନ୍ତି ।

### ସୌମ୍ୟାଶ୍ରୀଙ୍କୁ ...

ଆଗରେ, ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ବୟାନ ଦେଇଛନ୍ତି । ଆମ ଟିମ୍ ଘଟଣାର ତଦନ୍ତ ଜାରି ରଖିଛି । ମାମଲାର ସଠିକ ତଦନ୍ତ ହେବ । ଝିଅକୁ ନ୍ୟାୟ ମିଳିବ । ଆମେ ଅନେକ ତଥ୍ୟ ସଂଗ୍ରହ କରିଛୁ । ବର୍ତ୍ତମାନ ତଦନ୍ତ ରିପୋର୍ଟ ଯାହା ଅଛି, ସେନେଇ କୁହାଯାଇପାରିବ ନାହିଁ । ମାତ୍ର ସମୟ ଆସିଲେ ସବୁ କୁହାଯିବ । ସାକ୍ଷୀମାନଙ୍କର ବୟାନ ଆସିଛି । ଡିଜିଟାଲ ମିଡିଆରେ ଯେଉଁ ବୟାନ ଆସୁଛି ଏବଂ ତଦନ୍ତ ସମୟରେ ଆସିଥିବା ବୟାନ ଓ ଏସ୍‌ଏଫ୍‌ଏସ୍‌ଏଲ ରିପୋର୍ଟକୁ ନେଇ ତର୍ଜମା କରାଯିବ । କ୍ରାଇମବ୍ରାଞ୍ଚ ଆଇଜି ଏସ ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରହିଛି । ଘଟଣା ପୂର୍ବ ଓ ପରର ସ୍ଥିତି ଉପରେ ମଧ୍ୟ ସମୀକ୍ଷା କରାଯାଉଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । ଡିଜି ପ୍ରଥମେ ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡିଆଇଜି ଡା. ସତ୍ୟଜିତ ନାୟକଙ୍କ ସହ ଆଲୋଚନା କରିଥିଲେ । ଏହାପରେ ମହାବିଦ୍ୟାଳୟରେ ପହଞ୍ଚି ଘଟଣାସ୍ଥଳ ବୁଲି ଦେଖିଥିଲେ । ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ସହ କଥା ହୋଇ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚାରି ବୁଝିଥିଲେ । ଡିଜିଙ୍କ ସହ ଡିଆଇଜି ଡା. ସତ୍ୟଜିତ ନାୟକ, କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଶାଖା ଆଇଜି ଏସ ସାଇନି, ଡିଏସପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଲୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ଭାରତୀୟ ସେନାକୁ ...

ଯୋଗାଣରେ ହେଉଥିବା ବିଳମ୍ବ ମାମଲା ଉଠାଯାଇଥିଲା, କିନ୍ତୁ ଏହା ସତ୍ତ୍ୱେ ଡେଲିଭେରୀରେ ପ୍ରାୟ ୧୫ ମାସର ବିଳମ୍ବ ଘଟିଛି । ଆମେରିକାରେ ନିର୍ମିତ ଏଏଚ-୬୪ଇ ହେଲିକପ୍ଟରର ଯୋଗାଣ ବିଳମ୍ବର ପ୍ରଧାନ କାରଣ ହେଉଛି ବୋଇଂ କମ୍ପାନୀର ସପ୍ଲାଇ ଚେନ୍‌ର ବାଧା, ଯାହା ଉତ୍ପାଦନ ଗତିକୁ ଧୀର କରିଦେଇଛି । ଭାରତୀୟ ସେନା ୨୦୨୦ ମସିହାରେ ଆମେରିକା ସହିତ ୬୦୦ ମିଲିଅନ୍ ଡଲାରର ଚୁକ୍ତି କରିଥିଲା, ଏହା ଅନୁସାରେ ଛଅଟି ଏଏଚ-୬୪ଇ ଅପାଚେ ଆଟାକ୍ ହେଲିକପ୍ଟର କ୍ରୟ ହେବାର ଥିଲା । ଠିକ୍ ସମୟରେ ଯୋଗାଣ ମିଳିବ ବୋଲି ଆଶା କରି ସେନା ଗତ ବର୍ଷ ୧୫ ମାର୍ଚ୍ଚରେ ଯୋଧପୁରରେ ଅପାଚେ ଯୁଦ୍ଧ ହେଲିକପ୍ଟରର ପ୍ରଥମ ସ୍କ୍ୱାଡ୍ରନ୍ ମଧ୍ୟ ଗଠନ କରିଥିଲା ।

### ପ୍ରାକୃତିକ ବିପର୍ଯ୍ୟୟ ...

ସରକାର ବିନା କୌଣସି ଭେଦଭାବରେ ବିପର୍ଯ୍ୟୟ ସମୟରେ ରାଜ୍ୟମାନଙ୍କ ସହିତ ଦୃଢତାର ସହ ଛିଡା ହୋଇଛନ୍ତି । ଏହି ଦିଗରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚସ୍ତରୀୟ କମିଟି ହିମାଚଳ ପ୍ରଦେଶରେ ୨୦୨୩ ମସିହା ପାଇଁ ବନ୍ୟା, ଭୂସ୍ଖଳନ ଏବଂ ବାଦଲଫଟା ବର୍ଷା ଭଳି ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଅଞ୍ଚଳର ପୁନରୁଦ୍ଧାର ଏବଂ ପୁନଃନିର୍ମାଣ ପାଇଁ ୨୦୦୬.୪୦ କୋଟି ଟଙ୍କାର ବ୍ୟୟ ବରାଦକୁ ଅନୁମୋଦନ କରିବା ସହିତ ପ୍ରଥମ ପର୍ଯ୍ୟାୟ କିସ୍ତି ବାବଦରେ ୭ ଜୁଲାଇ ୨୦୨୫ ରେ ୪୫୧.୪୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହା ବ୍ୟତୀତ ରାଜ୍ୟର ପ୍ରଭାବିତ ଲୋକଙ୍କୁ ସହାୟତା ଦେବା ପାଇଁ, କେନ୍ଦ୍ର ସରକାର ତୁରନ୍ତ ରିଲିଫ୍ ପଦକ୍ଷେପ ପାଇଁ ୧୮ ଜୁନ୍ ୨୦୨୫ରେ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି (ଏସଡିଆରଏଫ୍)ରୁ ହିମାଚଳ ପ୍ରଦେଶକୁ କେନ୍ଦ୍ରୀୟ ଅଂଶର ୧୯୮.୮୦ କୋଟି ଟଙ୍କାର ପ୍ରଥମ କିସ୍ତି ପ୍ରଦାନ କରିସାରିଛନ୍ତି ।

### ୟୁପିଆଇ ଯୋଗେ...

ଲୋକ ଓ କ୍ଷୁଦ୍ର ବ୍ୟବସାୟୀ ନିରାପଦ ଓ କମ ଖର୍ଚ୍ଚଜନିତ କାରବାର ଲାଗି ଏବେ ଏହି ୟୁପିଆଇ ଉପରେ ନିର୍ଭର କରୁଛନ୍ତି । ତେବେ ଏହା ହଠାତ ହୋଇନାହିଁ । ଏଥିପାଇଁ ଖୁବ ପରିଶ୍ରମ କରିବାକୁ ପଡିଛି । ତୃଣମୂଳ ସ୍ତରରେ କଠିନ ଡିଜିଟାଲ କାର୍ଯ୍ୟ, ସାମୁହିକ ଉନ୍ନତି ଲାଗି ଯନ୍ତ୍ରର ବ୍ୟବହାର ପରି କିଛି ପଦକ୍ଷେପ ପାଇଁ ଏହା ସମ୍ଭବପର ହୋଇପାରିଛି ।

# ଆଜି ଠାରୁ ଭୁବନେଶ୍ୱରରେ ଜାତୀୟ ମାନବାଧିକାର କମିଶନର ଦୁଇଦିନିଆ ଶିବିର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାନବାଧିକାର ଉଲ୍ଲଂଘନ ଅଭିଯୋଗ ମାମଲାର ଶୁଣାଣି ପାଇଁ ଭାରତର ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ପକ୍ଷରୁ ୨୧-୨୨ ଜୁଲାଇ ୨୦୨୫ରେ ଭୁବନେଶ୍ୱରରେ ଏକ ଦୁଇ ଦିନିଆ ଶିବିର ଆୟୋଜନ କରାଯାଉଛି । ଏନଏଚଆରସିର ଅଧ୍ୟକ୍ଷ, ଶ୍ରୀଯୁକ୍ତ ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ ଏବଂ ସଦସ୍ୟ ଜଷ୍ଟିସ୍ (ଡ.) ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଶ୍ରୀମତୀ ବିଜୟା ଭାରତୀ ସାୟାନି ଏବଂ ଶ୍ରୀ ପ୍ରିୟଙ୍କ କାନୁନଗୋ ଜୁଲାଇ ୨୧ ସକାଳ ୧୦ଟାରୁ ରାଜ୍ୟ ଅତିଥି ଭବନରେ ମାମଲାଗୁଡ଼ିକର ଶୁଣାଣି କରିବେ । ଏନଏଚଆରସିର ମହାସଚିବ ଶ୍ରୀଯୁକ୍ତ ଭାରତ ଲାଲ, ରେଜିଷ୍ଟ୍ରାର (ଆଇନ) ଶ୍ରୀଯୁକ୍ତ ଜୋଗିନ୍ଦର ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଶିବିର ବୈଠକ ଏବଂ ଖୋଲା ଶୁଣାଣିରେ ଯୋଗଦେବେ । ମାମଲାଗୁଡ଼ିକର ଶୁଣାଣି ବ୍ୟତୀତ, ମାନବାଧିକାର ଉଲ୍ଲଂଘନର ପୀଡିତ ଓ ପୀଡ଼ିତାମାନଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରି ମାନବାଧିକାର ଉପରେ କର୍ତ୍ତୃପକ୍ଷଙ୍କୁ ସଚେତନ କରିବା ଶିବିରର ଲକ୍ଷ୍ୟ । କମିଶନ ନାଗରିକ ସମାଜ ସଂଗଠନ, ଏନଜିଓ ଏବଂ ମାନବାଧିକାର ରକ୍ଷାକାରୀ (ଏଚଆରଡି) ପ୍ରତିନିଧିମାନଙ୍କ ସହିତ ମଧ୍ୟ ଆଲୋଚନା କରିବେ । ଏହି ମାମଲାଗୁଡ଼ିକର ଶୁଣାଣିରେ ରାଜ୍ୟ ଅଧିକାରୀ ଏବଂ ସମ୍ପୃକ୍ତ ଅଭିଯୋଗକାରୀମାନଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି ଯାହା ଦ୍ୱାରା ଘଟଣାସ୍ଥଳରେ ତୁରନ୍ତ ବିଚାର ଏବଂ ନିଷ୍ପତ୍ତି ନିଆଯାଇପାରିବ । ଶୁଣାଣି ହେବାକୁ ଥିବା ମାମଲାଗୁଡ଼ିକ ମଧ୍ୟରେ ସାମ୍ବାଦିକ, ମାନବାଧିକାର ରକ୍ଷାକାରୀ (ଏଚଆରଡି) ଏବଂ ସେମାନଙ୍କ ପରିବାର ଉପରେ ହେଉଥିବା ଆକ୍ରମଣ; ମହିଳା ବିରୋଧୀ ଅପରାଧ; ପୋକସୋ ସମେତ ନାବାଳକ ଅପରାଧ; ସାପ କାମୁଡ଼ା ଏବଂ ଚିକିତ୍ସା ସହାୟତା ଅଭାବରୁ ମୃତ୍ୟୁ; ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପାଞ୍ଚରୁ ଅଧିକ ପରିବାର ସମ୍ମୁଖୀନ ହେଉଥିବା ବନ୍ୟା ସମସ୍ୟା; କଳାଯାଦୁ ଏବଂ ଗୁଣିଗାରେଡ଼ି ଆଦି ଅଭିଯୋଗ ଯୋଗୁଁ ମାନବାଧିକାର ଉଲ୍ଲଂଘନ ଏବଂ କୋଭିଡ୍-୧୯ ସମୟରେ କନ୍ୟା ସନ୍ତାନ ଚାଲାଣ ଅନ୍ତର୍ଭୁକ୍ତ ।

# ନବ ନିର୍ମିତ ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନକୁ ଓଡ଼ିଆ ଅସ୍ମିତାର ଗୌରବ ବହନ କରିବ : ପଞ୍ଚାୟତିରାଜ ମନ୍ତ୍ରୀ

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ନବରଙ୍ଗପୁର ଫର୍ଶାଗୁଡାରେ ନବ ନିର୍ମିତ ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଉପସ୍ଥିତ ଥିଲେ । ଶ୍ରୀ ଗଣ୍ଡ ଏ ସମ୍ପର୍କରେ ସୂଚନା ଦେଇ ସୋସିଆଲ ମିଡିଆରେ ଲେଖିଛନ୍ତି, ଓଡ଼ିଶାରେ ପ୍ରଥମ କରି ନବରଙ୍ଗପୁରରେ ତିଆରି ହୋଇଛି ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନ । କୋଡ଼ିଗାଁ ବନାଞ୍ଚଳ ଫର୍ଶାଗୁଡାରେ ୨୮ ଏକର କ୍ଷେତ୍ରଫଳରେ ନବ ନିର୍ମିତ ଏ ସୁନ୍ଦର ବର୍ଣ୍ଣମାଳା ଉଦ୍ୟାନ ଉଦଘାଟିତ ହୋଇଛି । ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏ ସୁନ୍ଦର ଉଦ୍ୟାନକୁ ଉଦଘାଟିତ କରିଛନ୍ତି । ଏହି ଉଦ୍ୟାନ ଓଡ଼ିଆ ଅସ୍ମିତାର ଗୌରବ ବହନ କରିଛି । ଏ ଉଦ୍ୟାନରେ ବର୍ଣ୍ଣମାଳାର ଅ ଠାରୁ ଳ ପର୍ଯ୍ୟନ୍ତ ସମସ୍ତ ଅକ୍ଷରକୁ ନେଇ ଶ୍ରେଣୀ ଶ୍ରେଣୀ କରି ୧୨୦୦ ଚାରା ରୋପଣ ହୋଇଛି । ୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ଉଦ୍ୟାନରେ ରହିଛି ଫଳ ବାଟିକା, ଫୁଲ ବାଟିକା, ଔଷଧ ବାଟିକା, ମସଲା ବାଟିକା ଭଳି ଅନେକ ବିଭାଗ ସମ୍ବନ୍ଧୀୟ ବାଟିକା । ଏହି ଉଦ୍ୟାନର ଅନ୍ୟ ଏକ ବିଶେଷତ୍ୱ ହେଉଛି ଭାରତର ମାନଚିତ୍ର ଏବଂ ମାନଚିତ୍ର ପ୍ରଦେଶ ଅନୁସାରେ ପ୍ରତ୍ୟେକ ପ୍ରଦେଶର ଚାରା ଆଉ ତାର ପରିଚୟ । ଯାହା ନିଶ୍ଚୟ ଭାବରେ ପରିଭ୍ରମଣରେ ଆସିଥିବା ପ୍ରତ୍ୟେକଙ୍କ



ଭିତରେ ମାନସିକ ଶାନ୍ତି ପ୍ରଦାନ କରିବା ସହିତ ଜ୍ଞାନ ଓ ଶିକ୍ଷା ଦେବାରେ ସହାୟକ ହେବ । ଓଡ଼ିଆ ଭାଷା ଓ ସାହିତ୍ୟର ପରିଚୟକୁ ବଜାୟ ରଖିବ । ଏ ଉଦ୍ୟାନ ନିର୍ମାଣରେ ଅବଦାନ ଦେଇଥିବା ସମସ୍ତ ବନ ଅଧିକାରୀ ମାନଙ୍କୁ ସାଧୁବାଦ ପ୍ରଦାନ କରୁଛି । ଆଶା ଏ ବର୍ଣ୍ଣମାଳା ଉଦ୍ୟାନ ନବରଙ୍ଗପୁରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ଏବଂ ବର୍ଣ୍ଣମାଳା ଶିକ୍ଷାରେ ଏହା ଏକ ସହଯୋଗ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ସ୍ୱାଭିମାନ ଅଞ୍ଚଳରୁ ୨ ବାର୍ହା ଶାବକ, ୪୨କେଜି ମାଂସ ଜବତ : ୧୧ ଗିରଫ



**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକସ୍ଥ ସ୍ୱାଭିମାନ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାର କରୁଥିବା ୧୧ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଦୁଇଟି ଜୀବନ୍ତ ବାରାହା ଶାବକ, ୯ଟି ବାଇକ, ଗୋଟିଏ ଟ୍ରାକ୍ଟର, ୪୨କେଜି ବାରାହା ମାଂସ ଚିତ୍ରକୋଣ୍ଡା ବନ ବିଭାଗ ଜବତ କରିଛି । ରାଲେଗଡା ପଞ୍ଚାୟତ ରେ କିଛି ଗ୍ରାମରେ ଗତ କିଛି ଦିନ ହେବ ଜଙ୍ଗଲ ଜନ୍ତୁ ଶିକାର ହେଉଥିବା ଚିତ୍ରକୋଣ୍ଡା ବନ ବିଭାଗକୁ ଖବର ମିଳିଥିଲା । ଚିତ୍ରକୋଣ୍ଡା ବନ ବିଭାଗ ତରଫରୁ ବନପାଳ ନିରଞ୍ଜନ ସାରକା ଙ୍କ ନେତୃତ୍ୱରେ ବନପାଳ ରାଜେଶ କୁମାର ସେଠି, ଗାର୍ଡ ସଞ୍ଜୟ କୁମାର ପରିଡା, ୱାଇଲଡ଼ ଲାଇଫ ପାରା ସ୍କ୍ୱାର୍ଡ ମିଳିତ ଭାବେ ଉକ୍ତ ଅଂଚଳରେ ଚଢ଼ାଉ କରିଥିଲେ । ଚଢ଼ଉ ସମୟରେ ସେମାନଙ୍କ ନିକଟରୁ କଟାଯାଇଥିବା ବାରାହ ମାଂସ ଓଜନ ପାଖାପାଖି ୪୨କେଜି ୯୦୦ ଗ୍ରାମ, ଶିକାରରେ ବ୍ୟବହାର ହୋଇଥିବା ମାରଣାସ୍ତ୍ର, ବାରାହ ଫାସ, ବ୍ୟବହାର କରୁଥିବା ୯ଟି ମୋଟର ସାଇକେଲ, ଗୋଟିଏ ଟ୍ରାକ୍ଟର, ଦୁଇଟି ଜୀଅନ୍ତା ବାରାହ ଶାବକ ଜବତ ହୋଇଛି ।

# ଟାଟା ମ୍ୟାଜିକ ସହ ୨ କାଠ ମାଫିଆକୁ ଗିରଫ କଲା ବନ ବିଭାଗ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ବନ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅର୍ଜୁନପୁର ଜଙ୍ଗଲରୁ ଚୋରି ଶାଳ କାଠ ସହ ବ୍ୟବହୃତ ଟାଟା ମ୍ୟାଜିକ ଗାଡି ଓ ବାଇକ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ବନ ବିଭାଗ । ରେଞ୍ଜର ସୁବାସ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟ ଭକ୍ତବନ୍ଧୁ ମିଶ୍ର, ଫରେଷ୍ଟ ଗାର୍ଡ ସୁଜ୍ଞାନି ମିଶ୍ରଙ୍କ ସହ ପ୍ରୋଟେକ୍ସନ୍ ସ୍କ୍ୱାର୍ଡ ସୋନପୁର ରେଞ୍ଜ ଅର୍ଜୁନପୁର ଜଙ୍ଗଲକୁ ଯାଇ ସେଠାରୁ ଶାଳ କାଠ ସହ ବ୍ୟବହୃତ ଗାଡି ଓ ବାଇକକୁ ଜବତ କରିଛନ୍ତି ଏବଂ ଏଥିରେ ସଂମ୍ପୃକ୍ତ ଥିବା ଦୁଇ ଜଣ ପେଶାଦାର ଜଙ୍ଗଲ ମାଫିଆକୁ ବନ ବିଭାଗ ଗିରଫ କରିବାରେ ସଫଳ ହୋଇଛି । ଏହି ଜବତ ହୋଇଥିବା କାଠ



ପରିବହନରେ ବ୍ୟବହୃତ ଟାଟା ମ୍ୟାଜିକ ଗାଡ଼ିକୁ ଜବତ କରାଯାଇଥିବା ବେଳେ ଗାଡ଼ିର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହେବାରେ ସଫଳ ହୋଇଥିଲା । ଉକ୍ତ ଗାଡ଼ି ବିଷୟରେ ଅଧିକ ତଦନ୍ତ ପାଇଁ ସ୍ଥାନୀୟ ପରିବହନ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯାଇଥିବା ନେଇ ରେଞ୍ଜର ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ଅଭିଯୁକ୍ତ ମାଫିଆ ଦ୍ୱୟ ସୋନପୁର ଥାନା ଜାମପାଲି ଗ୍ରାମର ଲିଙ୍ଗରାଜ ବାଘ ଓ ବାଙ୍କବିଜା ଗ୍ରାମର କାହ୍ନୁ ବାଘ ବୋଲି ଜଣାପଡିଛି । ଉଭୟ ଅର୍ଜୁନପୁର ସଂରକ୍ଷିତ ଜଙ୍ଗଲରୁ ବ୍ୟାପକ ଶାଳ ଗଛ ଚୋରା ଚାଲାଣରେ ଲିପ୍ତ ଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି । ଏହି କାଠ ଚାଲାଣରେ ବ୍ୟବହୃତ ଏକ ବାଇକକୁ ମଧ୍ୟ ବନ ବିଭାଗ ଜବତ୍ କରିଥିବା ସୂଚନା ମିଳିଛି ।

# ଚାଷଜମିରେ ଟ୍ରାକ୍ଟର ଓଲଟି ଦୁଇ ମୃତ୍ୟୁ

**ନବରଂଗପୁର, ନ୍ୟୁଜ ବ୍ୟୁରୋ**

ଚାଷଜମିରେ ଟ୍ରାକ୍ଟର ଓଲଟି ଦୁଇ ଜଣ ଯୁବକଙ୍କର ମୃତ୍ୟୁ ଘଟିଛି । ନବରଂଗପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ଅଘଟଣ ଘଟିଛି । ମୃତ ଯୁବକମାନେ ହେଲେ ଗଣେଶ କୁଜୁର (୨୩) ଓ ରମେଶ ଓଡ (୨୦) । ସୂଚନା ଅନୁଯାଇ ୨ ଘଣ୍ଟା ସମୟରେ ଡାବୁଗାଁ ଥାନା ଶିଂସାରି ଫାଣ୍ଡି ଅନ୍ତର୍ଗତ ହୁଣ୍ଡାରଗୁଡ଼ା ଗ୍ରାମର ରମେଶ ଓଡ ଏକ ଟ୍ରାକ୍ଟର ନମ୍ବର ( ଓଡି ୨୪ ଏଲ୍ ୬୩୮୦) ଯୋଗେ ଜମିରେ ହଳ କରିବାକୁ ଯାଇ ଟ୍ରାକ୍ଟରକୁ ହଣ୍ଡାର ଗୁଡା ଛକ ନିକଟ ଏକ ଜମିରେ ଧୋଇବାକୁ ନେଇଥିଲେ । ସେଠାରେ ଟ୍ରାକ୍ଟର ଧୋଇ ଘରକୁ ଫେରିବା ସମୟରେ କୌଣସି କାରଣରୁ ଟ୍ରାକ୍ଟର ଭାରସାମ୍ୟ ହରାଇ ଜମିରେ ଓଲଟି ପଡ଼ିଥିଲା । ଏଥିରେ ଟ୍ରାକ୍ଟର ଚାଳକ ରମେଶ ଟ୍ରାକ୍ଟର ତଳେ ଚାପି ହୋଇ ଯାଇଥିଲେ ।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୧ ଜୁଲାଇ,
ସୋମବାର,୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

## ଉଠା ଦୋକାନ ଉଚ୍ଛେଦ ବେଳେ ହାଇଡ୍ରାମା

# ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗାଡ଼ି ଚକ ତଳେ ଶୋଇ ପଡିଲେ ଦୋକାନୀ



**ପୁରୀ ୨୦।୭ ନ୍ୟୁଜ ବ୍ୟୁରୋ**

ପୁରୀ ମ୍ୟୁନିସିପାଲଟି ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଗାଡ଼ି ଚକ ତଳେ ଶୋଇପଡିଲେ ଉଠା ଦୋକାନୀ। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ଭୋଗ ଓ ଫଟୋ ଦୋକାନ କରିଥିବା ପ୍ରଦୀପ ନାୟକ ଓ ପ୍ରମୋଦ ନାୟକଙ୍କ ଦୋକାନ ଉଚ୍ଛେଦ ସମୟରେ ଏଭଳି ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ସମ୍ପୃକ୍ତ ଦୋକାନୀଙ୍କୁ ଧକ୍କା ମାରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଉଠା ଦୋକାନୀଙ୍କୁ ଉଠାଇବା ପାଇଁ ପୁରୀ ପୌରପାଳିକା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହାକୁ ଅବମାନନା କରିଥିଲେ ଉଠା ଦୋକାନୀ। ହାଇକୋର୍ଟରୁ ନିର୍ଦ୍ଦେଶ ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ସେ ବ୍ୟବସାୟ କରୁଥିବା କହିଥିଲେ ମଧ୍ୟ ଏହାକୁ ଅଧିକାରୀମାନେ କର୍ଣ୍ଣପାତ କରିନଥିଲେ। ପରେ ପରିସ୍ଥିତି ଅଣାୟତ୍ତ ହେବାରୁ ଘଟଣାସ୍ଥଳରେ ସିଟି ଡିଏସପି, ସିଂହଦ୍ୱାର ଓ ଟାଉନ ଥାନା ଅଧିକାରୀ, ତହସିଲଦାର ପହଞ୍ଚି ବୁଝାସୁଝା କରିଥିଲେ। କିନ୍ତୁ ଉଠା ଦୋକାନୀ ନିଜ ଜିଦ୍‌ରେ ଅଟଳ ଥିବାରୁ ପୌରପାଳିକା ପକ୍ଷରୁ ରବିବାର ସୁଦ୍ଧା ଦୋକାନ ଉଠାଇବାକୁ ନୋଟିସ ଦିଆଯାଇଥିଲା। ନଚେତ୍ ପୌରପାଳିକା ପକ୍ଷରୁ ଜୋର ଜବରଦସ୍ତ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।



କଟକ : ଶ୍ରାବଣର ଦ୍ୱିତୀୟ ସୋମବାର : ଶୈବ ପୀଠରେ ଜଳ ଲାଗି ନିମନ୍ତେ ଗଡଗଡିଆ ଘାଟରେ କାଉଡିଆମାନଙ୍କ ପ୍ରବଳ ଗହଳି। (ଫଟୋ : ସମ୍ବାଦ କଳିକା)

## କେନ୍ଦୁଲିଫ ଡିଏଫଓଙ୍କ ସାତ ଜାଗାରେ ଚଢ଼ଉ

# ୧୧୫ ପ୍ଲଟ ସହ ବିପୁଳ ଅର୍ଥ ଜବତ



**କେନ୍ଦୁଝର,୨୦/୭**
**ନ୍ୟୁଜ ବ୍ୟୁରୋ**

କେନ୍ଦୁଝର କେନ୍ଦୁଲିଫ ଡିଭିଜନର ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ କେନ୍ଦୁଝର ସ୍ଥିତ ଅଫିସ, ବାସଭବନ ସମେତ ନୟାଗଡ଼, ଅନଗୁଳ ଜିଲ୍ଲାର ସାତଟି ସ୍ଥାନରେ କେନ୍ଦୁଝର ଭିଜିଲାନ୍ସ ପକ୍ଷରୁ ଆୟବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଚଢ଼ଉ ଚାଲିଥିବା ସୂଚନା ମିଳିଛି। ଏହି ଚଢ଼ଉରେ ତିନି ଜଣ ଡ଼ିଏସପି, ଦଶ ଜଣ ଇନିସ୍ପେକ୍ଟରଙ୍କ ସହ ଅନ୍ୟ କର୍ମଚାରୀମାନେ ନିୟୋଜିତ ଅଛନ୍ତି। କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ପକ୍ଷରୁ ଜାରି ହୋଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଅନଗୁଳ, କେନ୍ଦୁଝର ଓ ନୟାଗଡ଼ ଜିଲ୍ଲାର ସାତଟି ସ୍ଥାନରେ ଏହି ଚଢଉ ଜାରି ରହିଛି। ଶ୍ରୀ ନାୟକଙ୍କର ଅନଗୁଳରେ ଏକ ଚାରିମହଲା ବହୁତଳ ପ୍ରାସାଦ, ଅନଗୁଳ ଜିଲ୍ଲାର ବନ୍ତଳା ଥାନା ଅନ୍ତର୍ଗତ ମଦନମୋହନ ପାଟଣାର ପୈତୃକ ଘର, ଅନଗୁଳ ଜଗନ୍ନାଥପୁରରେ ଥିବା ଶ୍ୱଶୁର ଘର, କେନ୍ଦୁଝରର କେନ୍ଦୁଲିଫ ଡିଭିଜନ କାର୍ଯ୍ୟାଳୟ, କେନ୍ଦୁଝରରେ ଥିବା ସରକାରୀ ବାସଭବନ, ନୟାଗଡ଼ ଜିଲ୍ଲାର କୋମଣ୍ଡରେ ପୁଅ ରହୁଥିବା ଘର ଓ ନୟାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶ୍ରୀ ନାୟକଙ୍କ ପୁଅର ଅଫିସ ଚାମ୍ବର ଭିତରେ ସର୍ଚ୍ଚ ଜାରି ରହିଥିବା ସୂଚନା ମିଳିଛି। କେନ୍ଦୁଲିଫ ବିଭାଗର ଡିଏଫଓ ଶ୍ରୀ ନାୟକଙ୍କର ୧୧୫ଟି ପ୍ଲଟ, ଏକ ଲକ୍ଷ ୧୯ ହଜାର ଟଙ୍କା ନଗଦ ଜବତ ହୋଇଛି। ଶ୍ରୀ ନାୟକଙ୍କର ନିଜ ନାମରେ ୫୩ଟି, ପତ୍ନୀଙ୍କ ନାମରେ ୪୨ଟି, ପୁଅ ନାମରେ ୧୬ଟି ପ୍ଲଟ ଓ ଝିଅ ନାମରେ ୪ଟି ପ୍ଲଟ ଥିବା ଭିଜିଲାନ୍ସ ଟିମ୍ ନିକଟରୁ ସୂଚନା ମିଳିଛି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଯୋଗୀ

# ୟୁପିରେ ବଡ଼ ପରିବର୍ତ୍ତନ ନେଇ ଚର୍ଚ୍ଚା ଜୋର୍ ଧରିଲା

**ନୂଆଦିଲ୍ଲୀ, ୨୦/୭**

ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଯଦିଓ ଏହାକୁ ଏକ ସୌଜନ୍ୟମୂଳକ ସାକ୍ଷାତ ବୋଲି କୁହାଯାଉଛି କିନ୍ତୁ ଏହି ଆଲୋଚନା ପରେ ରାଜ୍ୟର ଶାସନ ଓ ପ୍ରଶାସନରେ ଏକ ବଡ଼ ଧରଣର ଅଦଳବଦଳ ହେବା ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ତୀବ୍ର ହୋଇଛି। ସୂଚନା ଅନୁସାରେ, ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନାରେ ରାଜ୍ୟର ସାମ୍ପ୍ରତିକ



ରାଜନୈତିକ ପରିସ୍ଥିତି, ନିର୍ବାଚନ ଫଳାଫଳର ସମୀକ୍ଷା ଏବଂ ଭବିଷ୍ୟତର ରଣନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଉତ୍ତର ପ୍ରଦେଶରେ ବିଜେପି ଆଶାଠାରୁ ଯଥେଷ୍ଟ କମ୍ ଆସନ ପାଇଥିବାରୁ ଏହାର କାରଣ ଖୋଜିବା ସହ ସରକାର ଓ ସଙ୍ଗଠନ ମଧ୍ୟରେ ଥିବା ସମନ୍ୱୟର ଅଭାବକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରାଯାଇଥିଲା।
ଏହି ଆଲୋଚନା ପରେ ଯୋଗୀ ସରକାରରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଖରାପ ପ୍ରଦର୍ଶନ କରିଥିବା କିଛି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇପାରେ ଏବଂ କିଛି ନୂଆ ଚେହେରାଙ୍କୁ ସୁଯୋଗ ମିଳିପାରେ। ଏହା ବ୍ୟତୀତ, ପ୍ରାଶାସନିକ ସ୍ତରରେ ମଧ୍ୟ ଏକ ବଡ଼ ଧରଣର ଅଦଳବଦଳର ସମ୍ଭାବନା ରହିଛି। ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାରେ ବିଫଳ ହୋଇଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।
ଆଗକୁ ରାଜ୍ୟରେ ୧୦ଟି ବିଧାନସଭା ଆସନ ପାଇଁ ଉପ-ନିର୍ବାଚନ ହେବାକୁ ଯାଉଛି। ତେଣୁ ହୃତଗୌରବ ଫେରି ପାଇବା ପାଇଁ ଦଳ ଏକ ନୂତନ ରଣନୀତି ସହ ଆଗକୁ ବଢିବାକୁ ଚାହୁଁଛି। ମୋଦୀ ଓ ଯୋଗୀଙ୍କ ଏହି ବୈଠକକୁ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି।

# ୨୩ରୁ ବ୍ରିଟେନ ଓ ମାଳଦ୍ୱୀପ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

**ନୂଆଦିଲ୍ଲୀ, ୨୦/୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦୀ ୨୩-୨୬ ଜୁଲାଇ ମଧ୍ୟରେ ବ୍ରିଟେନ ଏବଂ ମାଳଦ୍ୱୀପ ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଥମେ ୨୩ ଜୁଲାଇରେ ୟୁକେ ପହଞ୍ଚିବେ ଏବଂ ଲଣ୍ଡନରେ ଅନେକ ଦ୍ୱିପାକ୍ଷିକ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ୨୪ ଜୁଲାଇରେ ୟୁକେ ପ୍ରଧାନମନ୍ତ୍ରୀ ସାର୍ କିଏର ଷ୍ଟାର୍ମରଙ୍କୁ ଭେଟିବେ। ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମୟରେ ଭାରତ ଏବଂ ୟୁକେ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ମଧ୍ୟ ଘୋଷଣା ହୋଇପାରେ। ଭାରତ ଏବଂ ୟୁକେ ଉଭୟ ପାଇଁ ଏଫ୍‌ଟିଏକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଚତୁର୍ଥ ବ୍ରିଟେନ ଗସ୍ତ ହେବ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତ-ୟୁକେ ଦ୍ୱିପାକ୍ଷିକ



ସମ୍ପର୍କର ସମଗ୍ର ଦିଗ ଉପରେ ପ୍ରଧାନମନ୍ତ୍ରୀ ଷ୍ଟାର୍ମରଙ୍କ ସହ ବ୍ୟାପକ ଆଲୋଚନା କରିବେ। ଦୁଇ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଗୁରୁତ୍ୱର ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିବେ। ଏହି ସମୟ ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୟୁକେର ରାଜା ଚାର୍ଲସ୍ ତୃତୀୟଙ୍କୁ ମଧ୍ୟ ସାକ୍ଷାତ କରିପାରନ୍ତି। ଏହି ଗସ୍ତ ସମୟରେ ଉଭୟ ପକ୍ଷ ବାଣିଜ୍ୟ, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ନବସୃଜନ, ପ୍ରତିରକ୍ଷା, ସୁରକ୍ଷା, ଜଳବାୟୁ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲୋକସମ୍ପର୍କ ଉପରେ ବିଶେଷ ଧ୍ୟାନ ଦେଇ ବ୍ୟାପକ ରଣନୈତିକ ସହଭାଗୀତା (ସିଏସ୍‌ପି)ର ଅଗ୍ରଗତି ସମୀକ୍ଷା କରିବେ। ସେହିପରି ତାଙ୍କ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୨୫-୨୬ ଜୁଲାଇରେ ମାଳଦ୍ୱୀପ ଗସ୍ତରେ ଯିବେ। ମାଳଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମାଳଦ୍ୱୀପ ଗସ୍ତ କରିବେ। ଏହା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ତୃତୀୟ ମାଳଦ୍ୱୀପ ଗସ୍ତ ଏବଂ ମହମ୍ମଦ ମୁଇଜୁଙ୍କ ରାଷ୍ଟ୍ରପତିତ୍ୱ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ପ୍ରଥମ ମାଳଦ୍ୱୀପ ଗସ୍ତ ହେବ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମାଳଦ୍ୱୀପ ସ୍ୱାଧୀନତାର ୬୦ତମ ବାର୍ଷିକୀ ପାଳନରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ। ଏହି ଗସ୍ତ ଭାରତ ତା'ର ସାମୁଦ୍ରିକ ପଡ଼ୋଶୀ ମାଳଦ୍ୱୀପକୁ କେତେ ଗୁରୁତ୍ୱ ଦେଉଛି ତାହା ପ୍ରତିଫଳିତ କରିବ। ଏହି ଗସ୍ତ ଉଭୟ ପକ୍ଷକୁ ସେମାନଙ୍କର ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ଏବଂ ସୁଦୃଢ଼ କରିବାର ସୁଯୋଗ ପ୍ରଦାନ କରିବ।




ପୁରୀ : ବଳଙ୍ଗା ଥାନା ଅଞ୍ଚଳରେ ନାବାଳିକାଙ୍କୁ ପୋଡ଼ିଦେବା ଘଟଣାରେ ମୁଖ୍ୟ ଆସାମୀଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। ଏହାର ପ୍ରତିବାଦରେ ବିଜେଡି ପକ୍ଷରୁ ପୋଲିସ୍ ଷ୍ଟେସନ ଘେରାଉ କରାଯାଇଥିଲା। (ଫଟୋ : ସମ୍ବାଦ କଳିକା)

## ହୋ ସମ୍ପ୍ରଦାୟର ମହିଳା ମଞ୍ଜୁଲତାଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୦/୭ ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜର ହୋ ସମ୍ପ୍ରଦାୟର ମହିଳା ମଞ୍ଜୁଲତା ଏବେ ଚର୍ଚ୍ଚାରେ। ଦିଲ୍ଲୀରେ ଆୟୋଜିତ ସିଏସସି ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଞ୍ଜୁଲତାଙ୍କୁ ତାଙ୍କ କାର୍ଯ୍ୟ ପାଇଁ ପ୍ରଶଂସା କରିଛନ୍ତି। ସାଧାରଣ ଗୃହିଣୀରୁ ଡିଜିଟାଲ ବିଶେଷଜ୍ଞ ହୋଇ ମଞ୍ଜୁଲତା ହଜାର ହଜାର ଆଦିବାସୀ ପରିବାରଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଉଛନ୍ତି। ଜନ ସେବା କେନ୍ଦ୍ର କରି ଅନେକଙ୍କ ପାଖରେ ପହଞ୍ଚାଇଛନ୍ତି ସରକାରୀ ଯୋଜନା।



# ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

## ନାବାଳକକୁ ଅଟକ ରଖିଲା ପୁଲିସ

**ବାରିପଦା, ୨୦/୭**
**ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିରେ ଜଣେ ଅଷ୍ଟମ ଶେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡିଛି। ପୀଡ଼ିତାର ମାଆଙ୍କ ଲିଖିତ ଅଭିଯୋଗ ଆଧାରରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ନାବାଳକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି ବାଙ୍ଗିରିପୋଷି ପୁଲିସ। ଅଭିଯୋଗ ଅନୁସାରେ, ଛାତ୍ରୀ ଜଣଙ୍କ ଗ୍ରୀଷ୍ମ ଛୁଟିରେ ତାଙ୍କ ଘରକୁ ଯାଇଥିଲେ। କିଛି ଦିନ ତଳେ ଘରୁ ହଷ୍ଟେଲକୁ ଆସିଥିବା ବେଳେ ସେ ସ୍କୁଲରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ହଷ୍ଟେଲ ୱାର୍ଡେନ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଛାତ୍ରୀ ଜଣଙ୍କ ଗର୍ଭବତୀ ଥିବା ଡାକ୍ତର ସୂଚନା ଦେଇଥିଲେ। ପୁଲିସ ଏହି ଘଟଣାରେ ମାଆଙ୍କ ଉପସ୍ଥିତିରେ ପୀଡ଼ିତାଙ୍କର ବୟାନ ରେକର୍ଡ କରିଥିବା ସୂଚନା ମିଳିଛି।



# ପାଖରେ ପଇସା ନାହିଁ ବୋଲି ହସ୍ପିଟାଲ ବେଡରେ ପଡ଼ିରହିଲା ମାଆର ମୃତଦେହ

**ବଲାଙ୍ଗୀର, ୨୦/୭**
**ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଦେଖିବାକୁ ମିଳିଥିଲା ଅଭାବନୀୟ ଦୃଶ୍ୟ। ପାଖରେ ଅର୍ଥ ନଥିଲା ବୋଲି ମେଡିକାଲ ବେଡରେ ଦୀର୍ଘ ସମୟ ପଡ଼ିରହିଲା ମଆର ମୃତଦେହ। ପାଖରେ ସେମିତି ଅସହାୟ ବସିରହିଥିଲା ନାବଳିକା ଝିଅ। ଏ ଦୃଶ୍ୟ ସମସ୍ତଙ୍କ ମନକୁ ଦୋହଲାଇଦେଇଥିଲା, ଆଖି ଭିଜାଇ ଦେଇଥିଲା। ମୃତ ମହିଳା ଜଣକ ହେଉଛନ୍ତି ବଲାଙ୍ଗୀର ଲାଠୋର ଥାନା ଅନ୍ତର୍ଗତ ବେନ୍ଦେର ଗାଁର ସୂର୍ଯ୍ୟକାନ୍ତି ମାଝୀ। ଗତ ବର୍ଷ ବାପା ଆରପାରିକୁ



ଚାଲିଯାଇଥିଲେ। ମାଆର ଦେହ ଖରାପ ହେବାରୁ ଜିଲ୍ଲା ହସ୍ପିଟାଲକୁ ଆଣିଥିଲା ଝିଅ ଦିଲେଶ୍ୱରୀ। ହେଲେ ବଞ୍ଚିଲାନି ମାଆ। କିନ୍ତୁ ପାଖରେ ବି କାଣି କଉଡ଼ିଟିଏ ନଥିଲା। ମାଆର ଶବକୁ ଘରକୁ ନେବାକୁ ହସ୍ପିଟାଲରେ ନା ଥିଲା ଆମ୍ବୁଲାନ୍ସ ନା ଶବବାହକ ଗାଡ଼ି। ଘରୋଇ ଗାଡ଼ି ପାଇଁ ବି ପାଖରେ କାଣି କଉଡ଼ି ବି ନଥିଲା। ତେଣୁ ହସ୍ପିଟାଲ ବେଡ୍‌ରେ ଦୀର୍ଘ ଘଣ୍ଟା ପଡ଼ିରହିଥିଲା ସୂର୍ଯ୍ୟକାନ୍ତିଙ୍କ ମୃତଦେହ। ଆଉ ପାଖରେ କାନ୍ଦ କାନ୍ଦ ହୋଇ ଜଗିବସିଥିଲା ଝିଅ ଦିଲେଶ୍ୱରୀ।
କ୍ରମେ ମୃତଦେହରୁ ଦୁର୍ଗନ୍ଧ ବାହାରିବାରୁ ଲୋକେ ଅଭିଯୋଗ କରିଥିଲେ ଏବଂ ମେଡିକାଲ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହସ୍ପିଟାଲରେ କିଛି ଗାଡ଼ି ନଥିବାରୁ ଅଧୀକ୍ଷକ ମାନସୀ ପଣ୍ଡା ମେଡିକାଲ ଖର୍ଚ୍ଚରେ ଏକ ଘରୋଇ ଗାଡ଼ି ଡାକି ସୂର୍ଯ୍ୟକାନ୍ତିଙ୍କ ମୃତଦେହକୁ ଘରକୁ ପଠାଇବା ବନ୍ଦୋବସ୍ତ କରିଥିଲେ। ଉଭୟ ବାପା, ମାଆଙ୍କୁ ହରାଇବା ପରେ ଝିଅ ଦିଲେଶ୍ୱରୀ ଏବେ ଅନାଥ।

# ଗୋଟିଏ ଦିନରେ ଦୁର୍ଘଟଣାରେ ଯାଇଛି ୪ ଜୀବନ

**ଭୁବନେଶ୍ୱର, ୨୦/୭ ନ୍ୟୁଜ ବ୍ୟୁରୋ**


ଅଶୁଭ ରବିବାର, ଗୋଟିଏ ଦିନରେ ସଡ଼କ ଦୁର୍ଘଟଣାରେ ଯାଇଛି ୪ ଜୀବନ। ବରଗଡ଼ରେ ୨ଜଣ ଓ ମୟୂରଭଞ୍ଜରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ନୟାଗଡରେ ଜଣେ ମୃତ୍ୟୁ ବରଣ କରିଛନ୍ତି। ରବିବାର ଭୋର ସମୟରେ ଫଳ ବୋଝେଇ ଏକ ପିକଅପ୍ ଭ୍ୟାନ୍ ସୋହେଲା ପଟୁ ବରଗଡ଼ ଆଡ଼କୁ ଆସୁଥିବା ସମୟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡ଼ି ଭିତରେ ଚାପି ହୋଇ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ଘଟିଛି। ଅଗ୍ନିଶମ ବିଭାଗ କର୍ମଚାରୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ଉଭୟଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ସେପଟେ ବାଲେଶ୍ୱରରୁ ବେତନଟୀ ଅଭିମୁଖେ ଯାଉଥିବା ବେଳେ ଏକ କାର୍ ପଦ୍ମନାଭପୁର ଟୋଲଗେଟ୍ ବୁଥ୍‌କୁ ମାଡ଼ିଯାଇଥିବା ବେଳେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଦୁର୍ଘଟଣାରେ ଅନ୍ୟଜଣେ ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଛନ୍ତି ଟୋଲ୍ କର୍ମଚାରୀ। ସେହିପରି ନୟାଗଡରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଏକ ପିକ୍‌ଅପ୍ ଭ୍ୟାନ ଅଟୋ-ରିକ୍ସା ସହିତ ଧକ୍କା ହେବା ଫଳରେ ଜଣେ କାଉଡିଆଙ୍କ ମୃତ୍ୟୁ ଘଟିଥିବା ବେଳେ ଛଅ ଜଣ ଗୁରୁତର ଆହତ ହୋଇଛନ୍ତି। ନୟାଗଡ ଜିଲ୍ଲାର ଶରଣକୁଳ ଥାନା ସୀମା ଅନ୍ତର୍ଗତ ଦାରାପଡା ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକ କଟାରାଝାରୀ ଗ୍ରାମର ପୂଜା ସ୍ୱାଇଁ ବୋଲି ଚିହ୍ନଟ କରାଯାଇଛି।



# ବୈଜ୍ଞାନିକଙ୍କ ନୂଆ ଅଧ୍ୟୟନ : ଦ୍ରୁତ ଗତିରେ ତରଳୁଛି ଶିଶୁ ବାହ୍ୟଗ୍ରହ

**ନୂଆଦିଲ୍ଲୀ ୨୦/୦୭**

ମହାକାଶଚାରୀମାନେ ଏକ ବିରଳ ମହାଜାଗତିକ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି। ଏକ ଶିଶୁ ବାହ୍ୟଗ୍ରହକୁ ସେମାନେ ଆଖି ସାମ୍ନାରେ ସଙ୍କୁଚିତ ହେଉଥିବା ଦେଖିଛନ୍ତି। ବୈଜ୍ଞାନିକମାନେ ନାସାର ଚନ୍ଦ୍ର ଏକ୍ସ-ରେ ଅବ୍‌ଜର୍ଭେଟୋରୀ ଜରିଆରେ ଏହି ଅଧ୍ୟୟନ କରିଛନ୍ତି। ଅଧ୍ୟୟନ ଅନୁସାରେ, 'ଟିଓଆଇ ୧୨୨୭ ବି' ନାମକ ନୂଆ ଗ୍ରହ ନିଜର ସଞ୍ଚାଳକ ନକ୍ଷତ୍ରର ତୀବ୍ର ଏକ୍ସ-ରେରୁ ଉତ୍ପନ୍ନ ନିରନ୍ତର ବିସ୍ଫୋରଣ ଯୋଗୁ ନିଜ ବାୟୁମଣ୍ଡଳର ଘନତ୍ୱକୁ ହରାଉଛି। ପୃଥିବୀଠୁ ପ୍ରାୟ ୩୩୦ ଆଲୋକ ବର୍ଷ ଦୂରରେ ଅବସ୍ଥିତ 'ଟିଓଆଇ




୧୨୨୭ ବି' ଏକ ଲାଲ୍ କ୍ଷୁଦ୍ର ନକ୍ଷତ୍ର ଚତୁଃପାର୍ଶ୍ୱରେ ଅତି ନିକଟରେ ପରିକ୍ରମା କରୁଛି। ଯେମିତି ସୂର୍ଯ୍ୟଠୁ ମାତ୍ର ଏକ ପଞ୍ଚମାଂଶ ଦୂରରେ ବୁଧ ଗ୍ରହ ପରିକ୍ରମା କରୁଛି। ନିଜ ନକ୍ଷତ୍ରର ଅତି ନିକଟରେ ପରିକ୍ରମା ଯୋଗୁ ଏହା ନକ୍ଷତ୍ରର ଉଚ୍ଚ-ଉର୍ଜ୍ଜା ବିକିରଣର ସମ୍ମୁଖୀନ ହେଉଛି। ବୈଜ୍ଞାନିକମାନେ 'ଟିଓଆଇ ୧୨୨୭ ବି'ର ବୟସ ମାତ୍ର ୮୦ ଲକ୍ଷ ବର୍ଷ ବୋଲି ଆକଳନ କରିଛନ୍ତି। ଅଦ୍ୟାବଧି ଆବିଷ୍କୃତ ବାହ୍ୟଗ୍ରହଙ୍କ ମଧ୍ୟରେ ଏହା ସବୁଠୁ କମ୍ ବୟସ୍କ। ପୃଥିବୀର ୫୦୦ କୋଟି ବର୍ଷ ବୟସ ତୁଳନାରେ ଏହା ବାସ୍ତବରେ ଶିଶୁ। ଅଧ୍ୟୟନର ମୁଖ୍ୟ ଲେଖକ ରୋଚେଷ୍ଟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଆଟ୍ଟିଲା ଭାର୍ଗା କହିଛନ୍ତି, ନିଜ ସଞ୍ଚାଳକ ନକ୍ଷତ୍ରରୁ ନିର୍ଗତ ଏକ୍ସ-ରେ ବିସ୍ଫୋରଣରେ ଗ୍ରହର ବାୟୁମଣ୍ଡଳ ତିଷ୍ଠିପାରୁ ନାହିଁ। ଏତେ ଦ୍ରୁତ ଏହା ନିଜର ବାୟୁମଣ୍ଡଳ ହରାଉଛି ଯେ ଆଗାମି ୧୦୦ କୋଟି ବର୍ଷ ମଧ୍ୟରେ ଏହା ପ୍ରାୟ ଦୁଇଟି ପୃଥିବୀର ଘନତ୍ୱ ସମାନ ବାୟୁମଣ୍ଡଳ ଏହା ହରାଇପାରେ। ଆକାର ହ୍ରାସ ଯୋଗୁ ଏହା ଏକ ଶୁଷ୍କ ଓ ପଥୁରିଆ କେନ୍ଦ୍ରରେ ରୂପାନ୍ତରିତ ହେବ। 'ଟିଓଆଇ ୧୨୨୭'ର ଘନତ୍ୱ ନେପ୍‌ଚୁନ୍ ଭଳି ଅଛି, କିନ୍ତୁ ବ୍ୟାସରେ ଏହା ୩ ଗୁଣ ବିଶାଳ। ସେଥିପାଇଁ ଏହାର ଗଠନ ବୃହସ୍ପତି ଭଳି। ଗ୍ରହର ଆକାର ଏଭଳି ଫୁଲିବାର କାରଣ ତା'ର କ୍ଷୁଦ୍ର ନକ୍ଷତ୍ରରୁ ଉତ୍ପନ୍ନ ହେଉଥିବା ନିରନ୍ତର ଏକ୍ସ-ରେ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି।
ଆକାର ଛୋଟ ହେଲେ ମଧ୍ୟ ଆମ ସୂର୍ଯ୍ୟଠୁ ଏହା ଅଧିକ ତୀବ୍ର ଏକ୍ସ-ରେ ବିକିରଣ ଛାଡୁଛି। ପ୍ରତି ୨୦୦ ବର୍ଷରେ ଏହା ଗୋଟିଏ ପୃଥିବୀ ବାୟୁମଣ୍ଡଳର ଘନତ୍ୱ ଭଳି ନିଜର ବାୟୁମଣ୍ଡଳ ହରାଇବ ବୋଲି ଆକଳନ କରାଯାଇଛି। ବାସଯୋଗ୍ୟ ଜୋନ୍‌ରୁ ଏହା ଖୁବ୍ ଦୂରରେ ଅବସ୍ଥାନ କରୁଥିବାରୁ ଏହି ଚରମ ସ୍ଥିତି 'ଟିଓଆଇ ୧୨୨୭'କୁ ବାସଅଯୋଗ୍ୟ କରିଛି। ଆଷ୍ଟ୍ରୋଫିଜିକାଲ ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି। ନକ୍ଷତ୍ରମାନଙ୍କର ଚରମ ପରିବେଶ କିଭଳି ଭାବେ ଯୁବା ବାହ୍ୟଗ୍ରହଗୁଡିକର ଉତ୍ପତ୍ତି ଲାଗି ମାର୍ଗ ପ୍ରଶସ୍ତ କରେ, ଏହି ଶିଶୁ ବାହ୍ୟଗ୍ରହ ତା'ଉପରେ ଆଲୋକପାତ କରିଛି। ସେତିକି ନୁହେଁ, କିଛି ଗ୍ରହ କିଭଳି ପ୍ରାରମ୍ଭିକ ଜୀବନରେ ନିଜର ବାୟୁମଣ୍ଡଳ ହରାଇ ଦିଅନ୍ତି, ତାହା ମଧ୍ୟ ବର୍ଣ୍ଣନା କରିବାରେ ସାହାଯ୍ୟ କରିଛି।

ଆବଶ୍ୟକ ! ଆବଶ୍ୟକ ! ଆବଶ୍ୟକ !
କଟକ ପାଇଁ "ସମ୍ବାଦ କଳିକା" ଏବଂ "ଉତ୍କଳ ଦୀପିକା'ର ପ୍ରତିନିଧି ଆବଶ୍ୟକ।
୪୬୪, ସହିଦନଗର, ଭୁବନେଶ୍ୱର
ଯୋଗାଯୋଗ ନମ୍ବର-୯୧୭୮୧୮୩୮୨୧